





## ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ

ଜଳେଶ୍ୱର,୧୪।୮

ଜଳେଶ୍ୱର ନୋଡ଼ାଲ ହାଇସ୍କୁଲ ପରିସରରେ ରୋଟାରୀ କ୍ଲବ ସୁବର୍ଣ୍ଣରେଖା ରାଇବଣିଆର ପ୍ରଥମ ଅଧିଷ୍ଠାନ ଦିବସ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ରୋଟାରୀ ଡିଷ୍ଟ୍ରିକ୍ଟ-୩୨୬୨ର ପୂର୍ବତନ ଗଭର୍ଣ୍ଣର ଶିବବ୍ରତ ଦାଶ ଯୋଗଦେଇ ସାମଗ୍ରିକ ବିକାଶ ପାଇଁ ରୋଟାରୀ କ୍ଲବ ବଦ୍ଧ ପରିକର ବୋଲି ପ୍ରକାଶ କରିଥିଲେ। କ୍ଲବର ସଭାପତି ଡ. ଲଳିତ ରଞ୍ଜନ ସେନାପତିଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଗଭର୍ଣ୍ଣର ଭବାନୀ ପ୍ରସାଦ ଚୌଧୁରୀ ଓ ନିର୍ବାଚିତ ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ଯଥାକ୍ରମେ ମୁଖ୍ୟବକ୍ତା ଓ ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ ଉତ୍ତରବାଲେଶ୍ୱର ଅଞ୍ଚଳରେ ଏହି କ୍ଲବ ସେବା କ୍ଷେତ୍ରରେ ଯୁଗାନ୍ତକାରୀ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ କ୍ଲବର ଉପସଭାପତି ଅଜିତ୍ କୁମାର ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଯୋଗେଶ ଚନ୍ଦ୍ର ରାଉଳ, ଶଶିକାନ୍ତ ପ୍ରଧାନ ଓ ହରେକୃଷ୍ଣ ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବ ପ୍ରାରମ୍ଭରେ କ୍ଲବର ଉପଦେଷ୍ଟା ସୁକୁମାର ରଣା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ନୀଳକଣ୍ଠ ଖଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନନୀୟ ଅତିଥି ରୂପେ ବର୍ଷିୟାନ୍ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ସେନାପତି ଓ ପୂର୍ବତନ ଅଧ୍ୟକ୍ଷ ତଥା ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କ୍ଲବ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ଓ ଶ୍ରୀକାନ୍ତଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କ୍ଲବର ମୁଖପତ୍ର ସୁବର୍ଣ୍ଣ ରାଇବଣିଆକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ମୁଖପତ୍ରର ମୁଖ୍ୟ ସମ୍ପାଦକ ଶ୍ୟାମାଚରଣ ଦାସ ବକ୍ତବ୍ୟ ରଖିଥିଲେ। ପରେ ୨୦୧୯-୨୦ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଯୁଗ୍ମ ସମ୍ପାଦକ ସୁନୀଲ କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




See Career Appointment on every Wednesday & Saturday

## ବାଲିଛନ୍ଦା ଘାଟ ବଜାର ୩ ଦୋକାନରୁ ଚୋରି

ସୋର, ୧୪।୮(ଡିଏନ୍‌ଏ)

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଧୀନ ବାଲିଛନ୍ଦା ଘାଟ ବଜାରରୁ ବୁଧବାର ରାତିରେ ୩ଟି ଦୋକାନରୁ ଚୋରି ହୋଇଥିବା ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଏକ ଗ୍ୟାରେଜ୍‌ର ସଟର ଭାଙ୍ଗି ଆନୁମାନିକ ୨ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହି ବଜାରରେ ଥିବା ଏକ ଜଳଖିଆ ଦୋକାନରୁ ନଗଦ ଟଙ୍କା ଓ ନିକଟସ୍ଥ ଏକ ପରିବା ଦୋକାନରୁ କେତେକ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି।




■ ୫୦କି.ମି. ରାସ୍ତାକୁ ୫୦ଟଙ୍କା ଭଡ଼ା,

## ଯାତ୍ରୀଙ୍କ ଅସନ୍ତୋଷ

ତେଲକୋଇ,୧୪।୮(ଡ.ଏନ.ଏ.)

ତେଲକୋଇ ମୁଖ୍ୟାଳୟଠାରୁ କାଞ୍ଜିପାଣି ଦେଇ କେନ୍ଦୁଝର ମୁଖ୍ୟାଳୟକୁ ୫୦କି.ମି.ରାସ୍ତା ଏହି ରାସ୍ତାରେ ଦୈନିକ ୩୦ରୁ ୪୦ ଯାତ୍ରୀବାହି ଗାଡି ଯାତାୟାତ କରିଥାଏ । ଏଥିରେ ୫ଶହରୁ ଉର୍ଦ୍ଧ୍ୱ ଯାତ୍ରୀ କେନ୍ଦୁଝରକୁ ଯାତାୟାତ କରିଥାନ୍ତି । କି.ମି. ପିଛା ରାଜ୍ୟ ପରିବହନ ପକ୍ଷରୁ ୭୨ପଇସା ରହିଛି । ୫୦କି.ମି. ରାସ୍ତା ପାଇଁ ୩୬ଟଙ୍କା ରହିଥିବା ବେଳେ ସଂପୃକ୍ତ ଯାତ୍ରିବାହୀ ଗାଡି ୫୦ଟଙ୍କା ନେଉଥିବା ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । କେତେକ ଯାତ୍ରୀ ଏହାକୁ ବିରୋଧ କରୁଥିବା ବେଳେ ସଂପୃକ୍ତ ଗାଡି କଣ୍ଡକ୍ଟର ଅନ୍ୟ ଗାଡିରେ ଯିବା ଧମକ ଦେଉଥିବାରୁ ଯାତ୍ରୀ ମାନେ ହଇରାଣ ହେଉଛନ୍ତି । ଦୈନିକ ପ୍ରତି ଯାତ୍ରୀଙ୍କ ଠାରୁ ୧୪ଟଙ୍କା ଅଧିକ ଆୟ କରୁଥିବା ବେଳେ ଏହି ଆଦିବାସୀ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। କେତେକ ଯାତ୍ରୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଉଚିତ ମୂଲ୍ୟ ଧାର୍ଯ୍ୟ କରିବା ଲାଗି ସାମାଜିକକର୍ମୀ କୈଳାଶଚନ୍ଦ୍ର ପ୍ରଧାନ ପରିବହନ ବିଭାଗକୁ ଚିଠି ଲେଖିଛନ୍ତି।







## ଆଜିଠାରୁ ଭତ୍ତା ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ

ଖଇରା,୧୪।୮(ଡି.ଏନ.ଏ)

ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ଯେଭଳି ଯୋଗ୍ୟ ହିତାଧିକାରୀ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେଇ ସରକାର ନୂତନ କରି କେତେକ ପଦକ୍ଷେପ ହାତକୁ ନେଇଛନ୍ତି । ଉଭୟ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନଏସଏପି) ଓ ମଧୁବାବୁ ପେନସନ ଯୋଜନା(ଏମବିପି) ପାଇଁ ଏବେ ଅଙ୍ଗନୱାଡି କର୍ମୀଙ୍କୁ ହିତାଧିକାରୀ ତାଲିକା ପ୍ରସ୍ତୁତ କରିବା ସକାଶେ ମୁଖ୍ୟ ଦାୟିତ୍ୱ ପ୍ରଦାନ କରାଯିବ। ମଙ୍ଗଳବାର ଜିଲା ସାମାଜିକ ନିରାପତ୍ତା ଅଧିକାରୀଙ୍କ ନିକଟରୁ ଏ ନେଇ ଚିଠି ବ୍ଲକରେ ପହଞ୍ଚିବା ପରେ ବିଡିଓ ମହେଶ ଚୌଧୁରୀ, ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ଚନ୍ଦ୍ରକାନ୍ତ ଭଲ୍ଲକଙ୍କ ତରଫରୁ ତତ୍ପରତା ପ୍ରକାଶ ପାଇଛି । ଚିଠିରେ ଥିବା ନିର୍ଦ୍ଦେଶ ଅନୁଯାୟୀ ଅଗଷ୍ଟ ୧୫ ଓ ୧୬ ତାରିଖରେ ଭତ୍ତା ଲାଗି ଆବେଦନ ଫର୍ମ ବ୍ଲକ କାର୍ଯ୍ୟାଳୟକୁ ଯୋଗାଇ ଦିଆଯିବ । ୧୭ତାରିଖରେ ସିଡିପିଓ ଏବଂ ସେକ୍ଟର ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିସହ ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ସେକ୍ଟର ଅଧିକାରୀ ନିଜ ଅଧୀନରେ ଥିବା ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ଦେବେ । ୨୧ତାରିଖରୁ ୨୬ତାରିଖ ମଧ୍ୟରେ କର୍ମୀମାନେ ନିଜ ୱାର୍ଡର ଯୋଗ୍ୟ ହିତାଧିକାରୀଙ୍କ ନିକଟରୁ ଆବେଦନ ଫର୍ମ ସଂଗ୍ରହ କରି ୨୭ତାରିଖରେ ବ୍ଲକ ଅଫିସରେ ଜମା କରିବେ। ଏହାପରେ ଅବେଦନକାରୀଙ୍କ ଆୟ ପ୍ରମାଣପତ୍ର ସଂଯୋଗ ପାଇଁ ସଂପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଫର୍ମଗୁଡିକୁ ପଠାଯିବ । ଆସନ୍ତା ୨୮ରୁ ସେପ୍ଟେମ୍ବର ୫ତାରିଖ ପର୍ଯ୍ୟନ୍ତ ପ୍ରସ୍ତୁତ ଆବେଦନକାରୀଙ୍କ ତାଲିକାକୁ ପଞ୍ଚାୟତର ନିର୍ବାହୀ ଅଧିକାରୀମାନେ ଯାଞ୍ଚ କରିବା ପରେ ବ୍ଲକ କାର୍ଯ୍ୟାଳୟରେ ଡାଟାବେସ ପ୍ରସ୍ତୁତ କରାଯାଇ ଜିଲା କାର୍ଯ୍ୟାଳୟରେ ଜମା କରାଯିବ । ଏ ସମ୍ପର୍କରେ ବିଡିଓ ମହେଶ ଚୌଧୁରୀଙ୍କୁ ପଚାରିବାରୁ କହିଛନ୍ତି, ପ୍ରସ୍ତୁତ ତାଲିକାରୁ କ୍ରମାନ୍ୱୟରେ ହିତାଧିକାରୀ ଚୟନ କରାଯିବ। ଯେଭଳି କେହି ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ନ ପଡନ୍ତି ସେଥିପାଇଁ ଗୁରୁତ୍ୱାରୋପ କରାଯାଇଛି।






# ପ୍ରସିଦ୍ଧ ଚନ୍ଦନେଶ୍ୱର ପୀଠ ଉତ୍ସବମୁଖର

ଭୋଗରାଇ,୧୪।୮(ଡି.ଏନ.ଏ.)


ଚନ୍ଦନେଶ୍ୱର ମନ୍ଦିରରେ ଭକ୍ତଙ୍କ ଗହଳି।

**ଶ୍ରାବଣ ପୂର୍ଣ୍ଣିମାରେ ଲକ୍ଷାଧିକ ଭକ୍ତଙ୍କ ଜଳାଭିଷେକ**

- ବ୍ୟାରିକେଡ୍ ସାଙ୍ଗକୁ କଡ଼ା ସୁରକ୍ଷା ବ୍ୟବସ୍ଥା
- ରାତି ୮ଟାରେ ଖୋଲିଲା ମୁଖ୍ୟ ଫାଟକ

ବାଲେଶ୍ୱର ଜିଲା ଭୋଗରାଇ ସ୍ଥିତ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଚନ୍ଦନେଶ୍ୱର ଶୈବପୀଠ ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଉତ୍ସବମୁଖର ହୋଇଉଠିଛି। ଗୁରୁବାର ଶ୍ରାବଣ ପୂର୍ଣ୍ଣିମା ପାଳିତ ହେଉଥିଲେ ମଧ୍ୟ ବୁଧବାର ତିଥି ପଡିବାରୁ ରାତି ୮ଟାରୁ ଚନ୍ଦନେଶ୍ୱରଙ୍କ ଜଳାଭିଷେକ ଆରମ୍ଭ ହୋଇଛି। ଏଥିଲାଗି ମନ୍ଦିର ପରିସର ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶରେ ଲୋକାରଣ୍ୟ ହୋଇପଡିଛି। ଅପରାହ୍ନ ସୁଦ୍ଧା ପୀଠରେ ପହଞ୍ଚିଥିବା ଲକ୍ଷାଧିକ କାଉଡିଆ ଭକ୍ତ ଧାଡିରେ ମୁଖ୍ୟ ଫାଟକ ଦେଇ ମନ୍ଦିର ପରିସରକୁ ଯାଇ ଜଳଲାଗି କରୁଛନ୍ତି। ବାଲେଶ୍ୱର ଜିଲାର ଜଳେଶ୍ୱର ଓ ଭୋଗରାଇ ନିକଟସ୍ଥ ସୁବର୍ଣ୍ଣରେଖା ଘାଟରୁ ମନ୍ଦିର ଯାଏ ଭକ୍ତଙ୍କ ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଛି। ଏଥିସହ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ ଆଦି ରାଜ୍ୟରୁ ଆସିଥିବା ଭକ୍ତଙ୍କ ସୁଅ ଛୁଟିଥିଲା। ଏଥର ଚନ୍ଦନେଶ୍ୱର ପୀଠରେ ଅନ୍ୟବର୍ଷ ତୁଳନାରେ ଅଧିକ ଭକ୍ତଙ୍କ ଭିଡ ଜମୁଥିବାରୁ ପୋଲିସ ଓ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ସବୁଠି କଡାକଡି କରାଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୧୫ରୁ ଅଧିକ ସ୍ଥାନରେ ମଧ୍ୟ ଭକ୍ତଙ୍କ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

## ରାତି ସାରା ଜଳାଭିଷେକ

ବୁଧବାର ରାତି ୮ରେ ଜଳାଭିଷେକ ଲାଗି ମୁଖ୍ୟ ଫାଟକ ଖୋଲିବା ପରେ ଲକ୍ଷାଧିକ କାଉଡ଼ିଆ ଧାଡିରେ ଯାଇ ଜଳାଭିଷେକ ଆରମ୍ଭ କରିଥିଲେ। ଶୃଙ୍ଖଳିତ ଭାବେ ଭକ୍ତଙ୍କୁ ମନ୍ଦିରକୁ ଛାଡିବା ସକାଶେ ସ୍ଥାନୀୟ ବିଜୁ ପଟ୍ଟନାୟକ ଗୋଲେଇଠାରୁ ମନ୍ଦିର ଯାଏ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଆଧାତ୍ମିକ ପରିବେଶ ସୃଷ୍ଟି ଲାଗି ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ଯୋଗେ ଭକ୍ତିସଙ୍ଗୀତ ପରିବେଷଣ ସାଙ୍ଗକୁ ଭକ୍ତଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥିଲା।

## ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା

ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଚନ୍ଦନେଶ୍ୱର ମନ୍ଦିର ପରିସର ସମେତ ଏହା ଆଖପାଖର ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗୋଟିଏ ଧାଡିରେ ଭକ୍ତମାନେ ମନ୍ଦିରକୁ ପ୍ରବେଶ କରି ଜଳଲାଗି କରିବା ପରେ ପ୍ରସ୍ଥାନ ଦ୍ୱାର ଦେଇ ବାହାରକୁ ଆସିଥିଲେ। ଏଥିସହ ମନ୍ଦିର ସଂଲଗ୍ନ ଜଳେଶ୍ୱର-ଚନ୍ଦନେଶ୍ୱର, ଥାନାଛକ-ପନ୍ତେଇଘାଟ, ଚନ୍ଦନେଶ୍ୱର-ବର୍ଡ଼ର ପ୍ରଭୃତି ମୁଖ୍ୟ ସ୍ଥାନରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ୧୫ଜଣ ଅଫିସର, ୨୦ କନଷ୍ଟେବଳ, ୫୦ ହୋମଗାର୍ଡ଼, ଜଳେଶ୍ୱର, ଭୋଗରାଇ, ତାଳସାରୀ ମେରାଇନ୍ ଥାନା, ଚନ୍ଦନେଶ୍ୱର ଓ ଭୋଗରାଇ ଫାଣ୍ଡିର ସମସ୍ତ କର୍ମଚାରୀ ମୁତୟନ ରହିଥିବା ଜଳେଶ୍ୱର ଏସ୍‌ଡ଼ିପିଓ ସୁଦର୍ଶନ ଦାସ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସପି ବି. ଯୁଗଳକିଶୋର ଏବଂ ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା କମିଟିର ଅଧକ୍ଷ ଅନନ୍ତ ଦାସ ପ୍ରମୁଖ ଚନ୍ଦନେଶ୍ୱର ଆସି ସ୍ଥିତି ନିରୀକ୍ଷଣ କରିଛନ୍ତି।

## ବିନା ଟିକେଟରେ ବି ପଶିଲେ

ମନ୍ଦିରକୁ ପ୍ରବେଶ ପାଇଁ ପ୍ରତ୍ୟେକ କାଉଡ଼ିଆଙ୍କ ନିମନ୍ତେ ୧୦ଟଙ୍କାର ଟିକେଟ କାଟିବାର ବ୍ୟବସ୍ଥା ହୋଇଥିବା ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଅତ୍ୟଧିକ ଭିଡ ହେବାରୁ ଅନେକ ବୋଲବମ୍ ଭକ୍ତ ବିନା ଟିକେଟରେ ମନ୍ଦିର ପ୍ରବେଶ କରୁଥିବା ଦେଖାଯାଇଥିଲା। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟରୁ ଆସିଥିବା ଭକ୍ତମାନେ ବିଭିନ୍ନ ନଦୀରୁ ପାଣି ଆଣି ଖାଲିପାଦରେ ଚନ୍ଦନେଶ୍ୱର ମନ୍ଦିରକୁ ଚାଲିଚାଲି ଆସିଥିଲେ। ସୁବର୍ଣ୍ଣରେଖା ପନ୍ତେଇଘାଟ, ଭୋଗରାଇ ଲକ୍ ଘାଟ, ରାଜଘାଟ, ଚିତ୍ରରେଖା ନଦୀ ଓ କୁଦୀ ଗଙ୍ଗାରୁ ବହୁ ଶ୍ରଦ୍ଧାଳୁ ପାଣି ଆଣି ମନ୍ଦିରକୁ ଆସି ମହାଦେବଙ୍କୁ ଜଳାଭିଷେକ କରିଥିଲେ।

## ସେବା ଯୋଗାଇଲେ ସ୍ୱେଚ୍ଛାସେବୀ

ଚନ୍ଦନେଶ୍ୱର ପୀଠକୁ ଆସିଥିବା ଲକ୍ଷାଧିକ ଭକ୍ତ ତଥା କାଉଡ଼ିଆଙ୍କ ସକାଶେ ଜଳେଶ୍ୱର, ନାମ୍ପୋ, ବଡ଼ମନ୍ଦାରୁଣୀ, କମର୍ଦ୍ଦା, ବାଉଁଶଡ଼ିହା, ଦାରୁହା, ବାଟଗ୍ରାମ, ଥାନାଛକ, ବାଗରୁଖୀ, ଭୋଗରାଇହାଟ, ଦେହୁର୍ଦ୍ଦା, ଜୟନଗର, ଅନନ୍ତପୁର, ମଟେଇବାଡ଼, ଚୌକି, ଜଳସୋହରିଆ, ନେଗୁଆଁ ପ୍ରଭୃତି ସ୍ଥାନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା ଶୁଶ୍ରୁଷା ଓ ସାମୟିକ ଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଥାନାଛକଠାରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଶତାଧିକ ସ୍ୱେଚ୍ଛାସେବୀ ସେବାକାର୍ଯ୍ୟ କରିଥିଲେ। ଭକ୍ତଙ୍କ ଲାଗି ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କାଉଡ଼ିଆଙ୍କୁ ସାରାରାତି ବାନ୍ଧି ରଖିଥିଲା। ଭିଡ ମଧ୍ୟରେ ଅନେକ କାଉଡ଼ିଆ ମଉଜମଜ୍‌ଲିସ କରିବାକୁ ପଛାଇ ନ ଥିଲେ। ରାସ୍ତାରେ ଯିବାବେଳେ ସେମାନେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ମନ୍ଦିର ଆଡକୁ ଅଗ୍ରସର ହୋଇଥିଲେ।

## ନଦୀ ଘାଟରୁ ମନ୍ଦିର...

ସୁବର୍ଣ୍ଣରେଖା ନଦୀର ଭୋଗରାଇସ୍ଥିତ ପନ୍ତେଇ ଘାଟରୁ ମନ୍ଦିର ଯାଏ ୧୬ କି.ମି. କାଉଡିଆ ଭକ୍ତଙ୍କ ଧାଡି ଲାଗି ରହିଥିଲା। ସେମାନେ ଧାଡିରେ ଆସିବା ଦୃଶ୍ୟ ଅଞ୍ଚଳବାସୀଙ୍କ ଲାଗି ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା। ଏହି ଦୂରତା ଅତିକ୍ରମ ବେଳେ କାଉଡିଆ ଭକ୍ତଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା। ସେହିପରି ଜଳେଶ୍ୱରର ସୁବର୍ଣ୍ଣରେଖା ରାଜଘାଟଠାରୁ ଚନ୍ଦନେଶ୍ୱର ଯାଏ ୩୭ କି.ମି. ଦୂର ରାସ୍ତାରେ ଭକ୍ତମାନେ ଧାଡି ବାନ୍ଧି ଆସିବା ଦେଖାଯାଇଥିଲା।

# ଜଳେଶ୍ୱରରୁ ଭକ୍ତଙ୍କ ସୁଅ

ଜଳେଶ୍ୱର,୧୪।୮

ଭାଦ୍ରବ ମାସର ଗହ୍ମା ପୂର୍ଣ୍ଣିମାରେ ପ୍ରଭୁ ବଳଦେବଙ୍କ ଜନ୍ମଦିନ ପାଳନ ଅବସରରେ ବାବା ଚନ୍ଦନେଶ୍ୱରଙ୍କୁ ଜଳାଭିଷେକ ଲାଗି ଭକ୍ତଙ୍କ ସୁଅ ଛୁଟିଛି। ଶହ ଶହ ଭକ୍ତ ଓ କାଉଡିଆ ସୁବର୍ଣ୍ଣରେଖାର ବିଭିନ୍ନ ଘାଟରୁ ଜଳଭାର ଧରି ଚନ୍ଦନେଶ୍ୱର ପୀଠକୁ ଯାତ୍ରା କରିଛନ୍ତି। ବାବା ଚନ୍ଦନେଶ୍ୱରଙ୍କ ପୀଠ ଏ ଅଞ୍ଚଳରେ ଅଗ୍ରଗଣ୍ୟ ଓ ସର୍ବଶ୍ରେଷ୍ଠ ଶୈବପୀଠ ଭାବେ ମାନ୍ୟତା ଲାଭ କରିଛି। ଗୁରୁବାର ବାବା ଚନ୍ଦନେଶ୍ୱରଙ୍କ ପାଖରେ ଜଳାଭିଷେକ ଲାଗି ଚଳିତବର୍ଷ ଜଳେଶ୍ୱର ଅଞ୍ଚଳର ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ସୁବର୍ଣ୍ଣରେଖା ନଦୀର ଶେକବାଡ଼ ଘାଟରୁ ଜଳ ନେବା ଲାଗି ବୁଧବାର ସୁଦ୍ଧା ଶହ ଶହ ଭକ୍ତ ପହଞ୍ଚି ଥିବାରୁ ସେମାନଙ୍କ ସୁବିଧା ପାଇଁ ଜଳେଶ୍ୱର ସ୍ୱର୍ଣ୍ଣକାର ସଂଘ ତରଫରୁ ସୁଶାନ୍ତ କର୍ମକାର, ସମର ରଣା, ହରିଶ୍ଚନ୍ଦ୍ର ରଣା, ସପନ କର୍ମକାର, ତାପସ କର୍ମକାର ପ୍ରମୁଖ ସଂଘ ସଦସ୍ୟମାନେ ପ୍ରାୟ ୪ହଜାର ବୋଲବମ ଭକ୍ତଙ୍କୁ ପୁରି ତରକାରି ଏବଂ ପାଣି ପାଉଚ ବଣ୍ଟନ କରିଛନ୍ତି। ସେହିପରି ମାର୍କେଟ ଇଲେଭେନ ସଂସ୍ଥା ତରଫରୁ ଚନ୍ଦନ ଦେ, ଚନ୍ଦନ ପାତ୍ର, ବସନ୍ତ କର, ରାଜେଶ ବିନ୍ଦ୍, ପ୍ରଭୁରାମ ଜେନା, ରାକେଶ ରଣା, ସେକ ନସିରୁଦ୍ଦିନ, ସୃଷ୍ଟିଧର ପ୍ରମୁଖ ସଦସ୍ୟମାନେ ରନ୍ଧା ଖାଦ୍ୟ ଓ ପାଣି ପାଉଚ ବଣ୍ଟନ କରିଛନ୍ତି। ପଥରପୁରା କ୍ଲବ ତରଫରୁ ସୋମବାର ହାଟରେ ଅଶ୍ୱିନୀ କର, ଶଙ୍କର ଚନ୍ଦ, ସନ୍ତୋଷ ତରାଇ, ମନୋରଞ୍ଜନ ଗିରି, ସୁଶାନ୍ତ ସେଠୀ, ବରେନ୍ଦ୍ର ଧଳ, ସତ୍ୟରଞ୍ଜନ ଗିରି, ସୁଶାନ୍ତ ଦାସ, ସରୋଜ ଦାସ, ପିଣ୍ଟୁ ପରିଡା, ବାପୁ ପରିଡା ପ୍ରମୁଖ ସଦସ୍ୟମାନେ ୬ ହଜାରରୁ ଊର୍ଦ୍ଧ୍ୱ ବୋଲବମ ଭକ୍ତଙ୍କୁ ସେବା ଯୋଗାଇବା ସହ ରନ୍ଧାଖାଦ୍ୟ ଓ ପାଣି ପାଉଚ ବଣ୍ଟନ କରିଥିଲେ।

**ସଂକ୍ଷେପରେ**

## ରିଷିଆ ଡ୍ୟାମ୍‌ରୁ ମୃତଦେହ ଉଦ୍ଧାର

ସଜନାଗଡ଼, ୧୪।୮ (ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅନ୍ତର୍ଗତ କୁଲଡ଼ିହା ପାଦଦେଶ ଅଭୟାରଣ୍ୟକୁ ଲାଗି ଥିବା ରିଷିଆ ଡ୍ୟାମ୍‌ରୁ ବୁଧବାର ଭାସୁଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରି ଏକ ମାମଲା (ନଂ. ୧୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ଲାଗି ମୃତଦେହକୁ ନୀଳଗିରି ମେଡ଼ିକାଲକୁ ପଠାଯାଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ସୋର, ୧୪।୮(ଡି.ଏନ୍‌ଏ): ବାଲେଶ୍ୱର ଜିଲା ସୋର ପୌରପରିଷଦ ଅନ୍ତର୍ଗତ ମୋବାରକପୁର ଗ୍ରାମର ମିହିର ରାଉତ (୩୮) ନାମକ ଜଣେ ଯୁବକ ବୁଧବାର ରାତିରେ ଘରଠାରୁ ଅଳ୍ପ ଦୂରରେ ଥିବା ଏକ ଗଛରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି । ଘରୋଇ କଳିରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ରାତି ୧୧ଟା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛି।

## ଟ୍ରେନ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଜଳେଶ୍ୱର,୧୪।୮: ଜଳେଶ୍ୱର ରେଳ ଷ୍ଟେଶନର ପୂର୍ବ କ୍ୟାବିନ ଲେଭଲ କ୍ରସିଂ ନିକଟରେ ରେଳ ଧାରଣା ପାରି ହେଉଥିବାବେଳେ ହାଓଡ଼ା-ପୁରୀ ଧଉଳି ଏକ୍ସପ୍ରେସ ଧକ୍କାରେ ଲକ୍ଷ୍ମୀ ଦେହୁରୀ (୬୫) ନାମ୍ନୀ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ବୁଧବାର ପୂର୍ବାହ୍ନ ସାଢେ ୮ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଲକ୍ଷ୍ମୀଙ୍କ ଘର ମୟୂରଭଞ୍ଜ ଜିଲା ଚିତ୍ରଡା ବ୍ଲକର ବାରମାଇଲ ଗ୍ରାମରେ । ସେ ଚାଷ କାର୍ଯ୍ୟ କରିବା ପାଇଁ ଜଳେଶ୍ୱର ଅଞ୍ଚଳକୁ ଆସିଥିଲେ। ବୁଧବାର ଜଳେଶ୍ୱର ଷ୍ଟେଶନର ୧ନଂ ପ୍ଲାଟଫର୍ମରେ ଟ୍ରେନରୁ ଓହ୍ଲାଇ ପଶ୍ଚିମବାର୍ଡ଼ ଯିବା ସକାଶେ ରେଳଧାରଣା ପାରି ହେଉଥିଲେ। ଏହି ସମୟରେ ୩ନଂ ପ୍ଲାଟଫର୍ମରେ ଧଉଳି ଏକ୍ସପ୍ରେସ ଆସିଥିଲା। ଅସାବଧାନତାବଶତଃ ଟ୍ରେନ୍ ଆସୁଥିବା ସେ ଜାଣି ପାରି ନ ଥିବା କୁହାଯାଉଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଜିକେ ଭଟ୍ଟର ହସପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ଜଳେଶ୍ୱର ରେଳବାଇ ପୋଲିସ ଏକ ଅପମତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଛି।

## ପୋଖରୀରେ ବିଷ: ଲକ୍ଷାଧିକ ଟଙ୍କାର ମାଛ ନଷ୍ଟ

ବସ୍ତା,୧୪।୮(ସ୍ୱ.ପ୍ର.): ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଦୁନ୍ଦକୋଟ ଗ୍ରାମରେ ସଞ୍ଜିତ ସିଂ ନାମକ ଜଣେ ବ୍ୟକ୍ତି ଏକ ପୋଖରୀ ଲିଜ୍ ନେଇ ମାଛ ଚାଷ କରିଥିଲେ। କେହି ଦୁର୍ବୃତ୍ତ ଗତ ସୋମବାର ରାତିରେ ପୋଖରୀରେ ବିଷ ପକାଇ ଦେବାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମାଛ ମରିଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୧୧୯/୧୯) ରୁଜୁ କରି ତଦନ୍ତ କରୁଛି।

## ୨ ଚୋରାମଦ ବେପାରୀ ଗିରଫ

ସୋର, ୧୪।୮(ଡିଏନ୍‌ଏ): ବାଲେଶ୍ୱର ଜିଲା ସୋର ଅବକାରୀ ବିଭାଗ ପକ୍ଷରୁ ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୂଳିସିଂ ଗ୍ରାମର କାଳିକା ସିଂ, ବର୍ଦ୍ଧନା ଗ୍ରାମର ରତିକାନ୍ତ ରଣା । ଏ ନେଇ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଯବାନଙ୍କ ପାଇଁ ରାଖୀ ପଠାଇଲେ ଛାତ୍ରୀଛାତ୍ର


'ରାଖୀ ଫର ଯବାନ' କାର୍ଯ୍ୟକ୍ରମରେ ରାଖୀ ସଂଗ୍ରହ କରାଯାଉଛି।

ବାଲେଶ୍ୱର ଅଫିସ,୧୪।୮

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ଦେଶର ସୁରକ୍ଷା ଦାୟିତ୍ୱରେ ଥିବା ଯବାନଙ୍କ ପାଇଁ ରାଖୀ ପଠାଇବା ଲାଗି 'ରାଖୀ ଫର ଯବାନ' କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ବୁଧବାର ସୁଦ୍ଧା ଯବାନମାନଙ୍କ ଲାଗି ୫ଶହରୁ ଅଧିକ ରାଖୀ ସଂଗ୍ରହ କରାଯାଇଛି। ଯବାନଙ୍କ ନିକଟକୁ ରାଖୀ ପଠାଇବା ସକାଶେ ଛାତ୍ରୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। କ୍ୟାମ୍ପସ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ସଂଗୃହୀତ ରାଖୀକୁ ଡାକ ମାଧ୍ୟମରେ ପ୍ରେରଣ କରାଯିବା ବ୍ୟବସ୍ଥା ହୋଇଥିବା ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ମହାନ୍ତି କହିଛନ୍ତି ।

## ସ୍ମୃତି ଚାରଣ ସଭାରେ କୃତୀ ଛାତ୍ରୀଛାତ୍ର ସମ୍ମାନିତ

ସିମୁଳିଆ,୧୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ମାର୍କୋଣା ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସ୍ୱର୍ଗତ ବଂଶୀଧର ମିଶ୍ରଙ୍କ ଚତୁର୍ଥ ବାର୍ଷିକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ପୂର୍ବତନ ବ୍ଲକ ଅଧକ୍ଷ ଗୋକୁଳାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ରୂପେ ସୋର ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଘୁନାରାୟଣ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା, ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ବୟୋଜ୍ୟେଷ୍ଠ ଶିକ୍ଷକ ବଳଭଦ୍ର ପାତ୍ରଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର କୃତୀ ଛାତ୍ର ରୁଦ୍ରାଭିଷେକ ଦାଶ ଓ ଛାତ୍ରୀ ପ୍ରକୃତି ନାୟକଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ପଣ୍ଡିତ ଦୟାନିଧି ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଖଇରା,୧୪।୮(ଡି.ଏନ.ଏ.)


ପିଲାମାନେ ଷ୍ଟଲ୍ ବୁଲି ଦେଖୁଛନ୍ତି।

ସ୍ଥାନୀୟ ଖଇରା ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ମଙ୍ଗଳବାର ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଜୁନିୟର ଏବଂ ସିନିୟରସ୍ତରରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରଶ୍ନମଞ୍ଚ ଓ ବିଜ୍ଞାନ ପ୍ରଶ୍ନ ମଞ୍ଚ ପ୍ରସ୍ତୁତ କରାଯାଇଥିଲା। ବିଜ୍ଞାନ ପ୍ରକଳ୍ପରେ ଦୀପିକା ସୂତାର, ସତ୍ୟଶିବ ସ୍ୱାଇଁ, ଜ୍ୟୋତିର୍ମୟ ସାହୁ, ବିଷ୍ଣୁ ପ୍ରସାଦ ପାଣି, ବିଜ୍ଞାନ ପ୍ରଶ୍ନମଞ୍ଚରେ ଜ୍ଞାନେଶ୍ୱର ମହାରଣା, ସୁପ୍ରିୟା ଖଟୁଆ, ଓମ୍ ପ୍ରକାଶ ଦାସ, ସ୍ୱାତିଶ୍ରୀ ପାତ୍ର, ଶୁଭଲକ୍ଷ୍ମୀ ରାଉତ, ସ୍ୱାତି ସ୍ୱାଗତିକା ବେହେରା, ଗଣିତ ପ୍ରଶ୍ନମଞ୍ଚରେ ଅଂଶିତା ମହାନ୍ତି, ଆୟୁଷ ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ବିଶ୍ୱପ୍ରକାଶ ସାମଲ, କୀର୍ତ୍ତି ରଞ୍ଜନ ପାତ୍ର, ଶୁଭଙ୍କର ମହାନ୍ତି ପ୍ରମୁଖ ୨୪ତାରିଖରେ ହେବାକୁ ଥିବା ସୋର ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅହଲ୍ୟା ପାଣି, ସବିତା ମହାନ୍ତି, ଭାଗ୍ୟଶ୍ରୀ ପାଣି, ଉଲ୍ଲାସିନୀ ମହାନ୍ତି, ଶିକ୍ଷକ ଦେବେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ମହାନ୍ତି, ତାପସ ନାୟକ, ପ୍ରଭାକର ଓଝା ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରିଥିଲେ।

## ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କାଠ ସହ ଗାଡ଼ି ଜବତ

ସଜନାଗଡ଼,୧୪।୮(ଡି.ଏନ.ଏ.): ବାଲେଶ୍ୱର ଭିଜିଲାନ୍ସ ଟିମ୍ ଓ ନୀଳଗିରି ବନବିଭାଗ ପକ୍ଷରୁ ବୁଧବାର ମିଳିତ ଚଢ଼ାଉ କରାଯାଇ ୫୦ହଜାର ଟଙ୍କାର କଇମ କାଠ ସହ ପିକ୍‌ଅପ ଭ୍ୟାନ୍ ଜବତ କରାଯାଇଛି। ଘଟଣାସ୍ଥଳରୁ ଡ୍ରାଇଭର ଓ କାଠମାଫିଆ ଛୁ ମାରିଛନ୍ତି। ସଜନାଗଡ଼ ଅଞ୍ଚଳରୁ ଏହି ପିକ୍‌ଅପ ଭ୍ୟାନ ୫୦ ସିଫ୍ଟ କଇମ କାଠ ନେଇ ବାଲେଶ୍ୱର ଯାଉଥିବା ଭିଜିଲାନ୍ସ ଟିମ୍ ସୂଚନା ପାଇଥିଲା। ପରେ ଭିଜିଲାନ୍ସ ରେଞ୍ଜର ଶ୍ୟାମ ସିଂଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଓ ନୀଳଗିରି ବନବିଭାଗ ରେଞ୍ଜର ସୁକୁମାର ଦାସ ନେତୃତ୍ୱରେ ଫରେଷ୍ଟର ଦେବରାଜ ରାଉତ, ଫରେଷ୍ଟର ହିମାଂଶୁ ପାଢ଼ୀ, ସଜନାଗଡ଼ ଫରେଷ୍ଟର ସରୋଜ ପ୍ରଧାନ ନୀଳଗିରି-ବାଲେଶ୍ୱର ରାସ୍ତାକୁ ଜଗି ରହିଥିଲେ। ଆମୁଡିହା ଛକ ନିକଟରେ ଚଢ଼ାଉ ବେଳେ ଘଟଣାସ୍ଥଳରେ ଗାଡ଼ି ଛାଡ଼ି କାଠ ମାଫିଆ ସହ ଡ୍ରାଇଭର ଫେରାର ହୋଇଯାଇଥିଲେ। କାଠ ବୋଝେଇ ଗାଡ଼ିକୁ ଜବତ କରି ନୀଳଗିରି ବନବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଏ ନେଇ ବନବିଭାଗ ଏକ ମାମଲା(ନଂ.୧୩/୧୯) ରୁଜୁ କରି ଅଧିକ ତଦନ୍ତ କରୁଛି।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା

ବାଲେଶ୍ୱର ଅଫିସ/ ସଜନାଗଡ଼, ୧୪।୮ (ଡି.ଏନ.ଏ.)


ଶ୍ରୀରାମ ସେନା ପକ୍ଷରୁ ତ୍ରିରଙ୍ଗା ଯାତ୍ରା।

ବାଲେଶ୍ୱର ଜିଲା ଶ୍ରୀରାମ ସେନା ପକ୍ଷରୁ ବୁଧବାର ସନ୍ଧ୍ୟା ୬ଟା ସମୟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ସ୍ମୃତି ଭବନଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶତାଧିକ ଯୁବକ ହାତରେ ତ୍ରିରଙ୍ଗା ପତାକା ଧରି 'ଭାରତ ମାତା କି ଜୟ' ନାରା ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସମଗ୍ର ଦେଶରେ ଶାନ୍ତି, ମୈତ୍ରୀ, ଏକତା ବଜାୟ ରଖିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ଅବସରରେ ଦୀର୍ଘ ୭୦ ବର୍ଷ ପରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ନେଇ ୩୭୦ ଧାରା ଉଚ୍ଛେଦ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଚିତ୍ତରଞ୍ଜନ ପଣ୍ଡା, ରାଜେଶ ମହାପାତ୍ର ଏହି ଯାତ୍ରାର ନେତୃତ୍ୱ ନେଇଥିଲେ।

ଅନୁରୂପ ଭାବେ ନୀଳଗିରିରେ ସ୍ୱର୍ଣ୍ଣଚୁଡ ମଣ୍ଡଳ ଯୁବ ସଂଘ ପକ୍ଷରୁ ବୁଧବାର ତ୍ରିରଙ୍ଗା ଯାତ୍ରା ମିତ୍ରପୁର ରାମମନ୍ଦିରଠାରୁ ଆରମ୍ଭ ହୋଇ ନୀଳଗିରି ବଜାର ପରିକ୍ରମା କରିଥିଲା। ଶୋଭାଯାତ୍ରା ମିତ୍ରପୁର ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିବା ପରେ ଉଦ୍‌ଯାପିତ ହୋଇଥିଲା। ସେହିପରି ଉପକଣ୍ଠ ମିରିଗିଣୀଠାରେ ମହାଲକ୍ଷ୍ମୀ ଇଞ୍ଜିନିୟରିଂ କଲେଜର ଛାତ୍ରୀଛାତ୍ର ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ୧୬୦ ଫୁଟ୍ ଲମ୍ବର ତ୍ରିରଙ୍ଗା ପତାକା ଧରି ପଦଯାତ୍ରାରେ ସହର ପରିକ୍ରମା କରିଥିଲେ। ଏଥିରେ ପାଖାପାଖି ୨୦୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କଲେଜର ଅଧକ୍ଷ ଅସିତ୍ କୁମାର ସାହୁ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଅଧ୍ୟାପିକା ଜୟସ୍ମିତା ମହାନ୍ତ, ଅସିତ୍ କୁମାର ଦାସ, ଟ୍ରଷ୍ଟ ବୋର୍ଡ଼ର ଚେୟାରମ୍ୟାନ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ଥିଲେ। ବୁଧବାର ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ନୀଳଗିରି ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ବଡ଼ଦାଣ୍ଡ ପରିକ୍ରମା କରି ଦୁର୍ଗାମଣ୍ଡପଠାରେ ପହଞ୍ଚିଥିଲା।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବାଲେଶ୍ୱର ଅଫିସ,୧୪।୮: ବାଲେଶ୍ୱର ଜିଲା ସଦର ମହକୁମା ପୋଲିସ ଲାଇନ୍ ପଡ଼ିଆରେ ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳନ ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଜିଲା ସଦର ମହୁକମାର ୫୪ଟି ପରେଡ୍ ଦଳ ପୂର୍ବରୁ ଅଭ୍ୟାସ ଶେଷ କରିଛନ୍ତି। ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ପୋଲିସ ହସ୍‌ପିଟାଲ ପାଖ ପଡ଼ିଆ ଏବଂ ପଞ୍ଚୁଆଁପଦା ଛକରୁ ପୋଲିସ ଲାଇନ୍ ଛକ ରାସ୍ତାର ଦୁଇପାଖରେ ଦୁଇ ଓ ଚାରିଚକିଆ ଯାନବାହନ ରଖିବା ସହ ଭିଆଇପିଙ୍କ ପାଇଁ ଟ୍ରାଫିକ୍ ଥାନା ପରିସର ଏବଂ ଜାତୀୟ ରାଜପଥ ଡାକବଙ୍ଗଳାରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୨୮ ପୋଲିସ ଅଧିକାରୀଙ୍କ ସମେତ ୫ ପ୍ଲାଟୁନ୍ ଫୋର୍ସ, ୭୦ ହୋମଗାର୍ଡ଼, ୫୦ରୁ ଊର୍ଦ୍ଧ୍ୱ କନଷ୍ଟେବଳ ଓ ହାବିଲ୍‌ଦାର ନିୟୋଜିତ ରହିବେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ୩ଜଣ ସ୍ୱାଧୀନତା ସଂଗ୍ରାମୀ, ଜିଲାର ମାଟ୍ରିକ୍ ଟପ୍ପର୍, ଯୁକ୍ତ୨ ବିଜ୍ଞାନ ଟପ୍ପର୍‌ଙ୍କ ସମେତ ଶ୍ରେଷ୍ଠ ଶିକ୍ଷକ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଗ୍ରାମସେବକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକ, ପ୍ରାଣୀଧନ ନିରୀକ୍ଷକ, ହୋମ୍‌ଗାର୍ଡ଼, ଟ୍ରାଫିକ୍ ହାବିଲଦାର, ସବ୍-ଇନ୍ସପେକ୍ଟରଙ୍କୁ ଉଲ୍ଲେଖନୀୟ କର୍ତ୍ତବ୍ୟ ସମ୍ପାଦନ ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ । ଗୁରୁବାର ପୂର୍ବାହ୍ନରେ ରାମଧୁନ, ପ୍ରଭାତଫେରି ପରେ ପତାକା ଉତ୍ତୋଳନ କରାଯାଇ ପରେଡ୍ ପ୍ରଦର୍ଶନ କରାଯିବ। ଅପରାହ୍ନରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଓ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା କରାଯିବ।

## ସଂକ୍ଷେପରେ

### ଅଜଣା ରୋଗରେ ଗୋ ସମ୍ପଦ ଛଟପଟ

ବଡ଼ସାହି,୧୪।୮(ସ୍ୱ.ପ୍ର)-ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବହୁ ଗ୍ରାମରେ ଗୋରୁଗାଈଙ୍କୁ ବସନ୍ତ ଭଳି ଏକ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଏହି ରୋଗ ଏକ ଭୂତାଣୁ ଜନିତ ରୋଗ ହୋଇଥିବାରୁ ଗ୍ରାମରେ ଅନେକ ଗୋରୁଗାଈ ଏଥିରେ ଆକ୍ରାନ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଫଳରେ ଗୋ ପାଳକମାନେ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି । ବିଭାଗ ପକ୍ଷରୁ ୧୦ଟି ଗୋରୁଙ୍କ ରକ୍ତ ଓ ଚର୍ମ ନମୁନା ସଂଗ୍ରହ କରାଯାଇ ରାଜ୍ୟ ପଶୁରୋଗ ପରୀକ୍ଷଣ କେନ୍ଦ୍ରକୁ ପରୀକ୍ଷା ପାଇଁ ପଠାଯାଇଛି । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଶଶାଙ୍କ ଶେଖର ପାଣିଗ୍ରାହୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଗୋରୁଗାଈଙ୍କୁ ବ୍ୟାପୁଥିବା ରୋଗ ସମ୍ପର୍କରେ ଅବଗତ ହୋଇଛନ୍ତି। କେନ୍ଦ୍ରୀୟ ଟିମ୍ ଦ୍ୱାରା ରୋଗର ପରୀକ୍ଷାନିରୀକ୍ଷା କରାଯାଇ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି । ତେବେ ଏହି ରୋଗ ହେବା ଦ୍ୱାରା ଗୋରୁମାନଙ୍କ ଗୋଡ ଫୁଲି ଯାଉଛି। ଫଳରେ ଗୋରୁ ଚାଲି ପାରୁ ନାହାନ୍ତି । ପରେ ବେକ ତଳ ନରମ ଚମଡା ଫୁଲିବା ସହ ଏହା ଦେହ ସାରା ବ୍ୟାପିଯାଉଛି । କିଛି ଦିନ ପରେ ଏହା ଫାଟିଯାଇ ଘା’ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଲୋକେ ବଜାରରୁ ଯନ୍ତ୍ରଣା ନିବାରକ ଔଷଧ କିଣି ଗୋରୁଗାଈଙ୍କ ଚିକିତ୍ସା କରୁଛନ୍ତି। ସିଂହଟିଆ, ବେଲପାଳ, ଛେଳିଆ(ବି) ଖୁଣ୍ଟାପାଳ, ଦେଉଳିଆ, ମାଣତ୍ରୀ, ତାଳପଦା, ଗୌଡଗାଁ, ମାଳିହାତୀ, ଆଙ୍କପୁରା, ମୂଷାଗଡିଆ, ମାନଗୋବିନ୍ଦପୁର ଓ ଚନ୍ଦନପୁର ଆଦି ଗ୍ରାମରେ ଏହି ରୋଗ ଦେଖାଦେଇଛି। ଏ ସମ୍ପର୍କରେ ବଡ଼ସାହି ପ୍ରାଣୀ ଚିକିତ୍ସକ ଡା.ରାଧାଗୋବିନ୍ଦ ପୁହାଣ କୁହନ୍ତି, ଏହା ଏକ ବାୟୁ ଜନିତ ରୋଗ । ଏହି ରୋଗ ହେଲେ ଗୋରୁଗାଈମାନେ କଷ୍ଟ ଅନୁଭବ କରିଥାନ୍ତି । ମାତ୍ର ମୃତ୍ୟୁ ଘଟି ନ ଥାଏ। ପ୍ରାଣୀ ବିଭାଗ ପକ୍ଷରୁ ଗାଁ ଗାଁ ବୁଲି ଚିକିତ୍ସା କରାଯାଉଛି । ଗାଉଁଲି କ୍ୱାକ୍‌ମାନେ ଲୋକମାନଙ୍କୁ ଭୟଭୀତ କରାଉଛନ୍ତି ବୋଲି ସେ କହିଛନ୍ତି।

### ପୋଷାକ ବିତରଣ ଉତ୍ସବ

ବାରିପଦା ଅଫିସ,୧୪।୮- ବାରିପଦା ସ୍ଥିତ ଏମ୍‌କେସି ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ଓ ଜୋତା ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞା ପାରମିତା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟ ଏସ.କେ. ମହମ୍ମଦ ରିଜୁଆନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବିତରଣ କରିଥିଲେ। ଶିକ୍ଷକ ଡ.ଶଶୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ‘ମନ୍ତ୍ରୀଙ୍କ ପ୍ରତିଶ୍ରୁତି ନାଟକବାଜି’

### ଆଲୋଚନା ପରେ ସେବାୟତଙ୍କ ପ୍ରତିକ୍ରିୟା

ବାରିପଦା ଅଫିସ,୧୪।୮


ସେବାୟତ ଓ ଅନ୍ୟମାନଙ୍କ ସହିତ ମନ୍ତ୍ରୀ ଆଲୋଚନା କରୁଛନ୍ତି।

ମୟୂରଭଞ୍ଜ ଜିଲାବାସୀ ବାରିପଦାସ୍ଥିତ ହରିବଳଦେବ ଜୀଉ ମନ୍ଦିରକୁ ସ୍ୱତନ୍ତ୍ର ଅନୁଦାନ ଓ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ପ୍ରଦାନ ଲାଗି ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି। ସେବାୟତମାନେ ଏହି ଦାବି ନେଇ ବାରିପଦା ଠାରୁ ଭୁବନେଶ୍ୱରକୁ ଦୁଇ ଦୁଇ ଥର ପଦଯାତ୍ରା କରିଛନ୍ତି। ମାତ୍ର ଜିଲା ପ୍ରଶାସନ ସେମାନଙ୍କୁ ପ୍ରତିଶ୍ରୁତି ଦେଇ ଅଧା ବାଟରୁ ଫେରାଇ ଆଣିଛି। ସେବାୟତମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିବା ସହିତ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହିତ ବହୁବାର ଆଲୋଚନା କରିଛନ୍ତି। ତେବେ ଏହି ଦାବି ପୂରଣ କ୍ଷେତ୍ରରେ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଗୁରୁତ୍ୱ ଦେଉନାହାନ୍ତି। ଏପରିସ୍ଥଳେ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ ପାଇଁ ଆଇନ ମନ୍ତ୍ରୀ ଜେନା ବୁଧବାର ସନ୍ଧ୍ୟାରେ ବାରିପଦାଠାରେ ପହଞ୍ଚିବା ପରେ ପୂର୍ବ କାର୍ଯ୍ୟକ୍ରମ ମୁତାବକ ହରିବଳଦେବ ଜୀଉ ମନ୍ଦିରକୁ ଯାଇ ଠାକୁର ଦର୍ଶନ କରି ସେବାୟତମାନଙ୍କ ସହିତ ଏନେଇ ଆଲୋଚନା କରିଥିଲେ। ମନ୍ଦିରର ସୁରକ୍ଷା ଓ ମରାମତି ପାଇଁ ଆର୍କୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆକୁ ଚିଠି ଲେଖିବାକୁ ଜିଲା ଦେବୋତ୍ତର ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ସହିତ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଏସଡିସି ଚେୟାରମ୍ୟାନ ଡା.ଦେବାଶିଷ ମାରାଣ୍ଡି, ଜିଲା ସଭାପତି ଦେବାଶିଷ ମହାନ୍ତି, ଉତ୍ତର ଓଡ଼ିଶା ଯୁବ ବିଜେଡି ଜୋନ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଜିଲା ଯୁବ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲା ବିଜେଡି ସମ୍ପାଦକ ସୁଜିତ କୁମାର ମହାନ୍ତି, ଦେବୀଦତ୍ତ ଦାଶ, ସିନେ ତାରକା ତଥା ବିଜେଡି ନେତା ଅସିତ ପତି ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ, ମନ୍ଦିର ସମସ୍ୟାର ସମାଧାନ ପାଇଁ ପୂର୍ବରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବାୟତମାନଙ୍କ ସ୍ୱାର୍ଥ, ମନ୍ଦିରର ଉନ୍ନତି, ମନ୍ଦିର ସମ୍ପତ୍ତିର ପୁନରୁଦ୍ଧାର ପାଇଁ ଖୁବ ଶୀଘ୍ର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବ। ମନ୍ତ୍ରୀଙ୍କ ବିବୃତି ପରିପ୍ରେକ୍ଷୀରେ ସେବାୟତ କାମେଶ୍ୱର ତ୍ରିପାଠୀ ଗଣମାଧ୍ୟମକୁ କହିଛନ୍ତି, ମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲାବାସୀ ବହୁ ଆଶା ରଖିଥିଲେ। କିନ୍ତୁ ତାଙ୍କ ପ୍ରତିଶ୍ରୁତିକୁ ନେଇ କେହି ଖୁସି ନୁହନ୍ତି। ଏହା ଏକ ପ୍ରକାର ନାଟକ ଭଳି ଲାଗୁଛି। ମନ୍ତ୍ରୀ କଥା ଟାଳିବା ଢଙ୍ଗରେ ବିବୃତି ରଖିଥିବାରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଆଶା ମଉଳିଲା ବୋଲି ସେବାୟତମାନେ କହିଛନ୍ତି।

ମନ୍ତ୍ରୀ ଜେନା ମନ୍ଦିର ଭିତରେ ପୂଜାର୍ଚ୍ଚନା କରି ସେବାୟତମାନଙ୍କ ସହିତ ଆଲୋଚନା କରିବାର ସମସ୍ତ ଘଟଣା ଗଣମାଧ୍ୟମ ପ୍ରତିନିଧିମାନେ ରେକର୍ଡିଂ କରିଥିଲେ। ଏହି ସମୟରେ ମନ୍ତ୍ରୀ ଜେନା ସମସ୍ତ ଫଟୋ ଓ ଭିଡିଓ ଡିଲିଟ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ। ମନ୍ଦିର ଭିତରେ ଫଟୋ ଉଠାଇବା ମନା ବୋଲି ସେ କହିଥିଲେ। ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କାରଣ ଏଠାରେ ସେଭଳି କିଛି ପ୍ରତିବନ୍ଧକ ଲଗାଯାଇନାହିଁ । ଅନ୍ୟପକ୍ଷେ ବିଜେଡିର କର୍ମୀ ଓ ନେତାମାନେ ମନ୍ଦିର ଭିତରେ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହିତ ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା।

# ଦ୍ୱାରଶୁଣି ଘାଟି ରାସ୍ତା ମରାମତି ଲାଗି ଦାବିପତ୍ର

ବାରିପଦା ଅଫିସ,୧୪।୮- ମୟୂରଭଞ୍ଜ ଜିଲାରେ ଥିବା ଦ୍ୱାରଶୁଣି ଘାଟିରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୦୦ଟି ବଡ ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ହୋଇଛି। ଏହି ଘାଟି ରାସ୍ତାର ଉଭୟ ପାର୍ଶ୍ୱରେ ପାଚେରି ନଷ୍ଟ ହୋଇ ଯାଇଥିବା ବେଳେ ରାସ୍ତାରୁ ପିଚୁ ମଧ୍ୟ ଉଠି ଗଲାଣି। ତେଣୁ ଏହାର ମରାମତି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗ ମୟୂରଭଞ୍ଜ ଜାଗ ଦାବି କରିଛି । ଏଥିନେଇ ଅନୁଷ୍ଠାନ ପକ୍ଷରୁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲା ପ୍ରଶାସନକୁ ଦିଆଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ପକାଯିବା ବଦଳରେ ସ୍ଥାୟୀ ଭାବେ କଂକ୍ରିଟ କରାଯିବା,ଘାଟିର ଉଭୟ ପାର୍ଶ୍ୱ ଯଥା ବାଙ୍ଗିରିପୋଷି ଓ ବିଶୋଇରେ ଓଭରଲୋଡିଂ ଚେକିଂ ପାଇଁ ଚେକ୍‌ଗେଟ ବ୍ୟବସ୍ଥା କରିବା, ବଡ଼ଗାଡ଼ି ତଥା ମାଲ ବୋଝେଇ ଗାଡ଼ିଗୁଡ଼ିକୁ ଉଭୟ ପାର୍ଶ୍ୱରୁ ୩୦ ମିନିଟ ବ୍ୟବଧାନରେ ଛଡାଯିବା, ରାସ୍ତାର ଉଭୟ ପାର୍ଶ୍ୱରେ ଭାଙ୍ଗି ପଡ଼ିଥିବା ପାଚେରିଗୁଡ଼ିକୁ ଉଚ୍ଚ ଓ ମଜଭୁତ କରାଯିବା, ପ୍ରତି ବାଙ୍କରେ ସୋଲାର ଇଣ୍ଡିକେଟର ସହ ସୋଲାର ଲାଇଟ ଲଗାଯିବା, ପ୍ରତି ବାଙ୍କରେ ଟ୍ରାଫିକ ଚିହ୍ନ ଲଗାଯିବା ସହ ପୋଷ୍ଟଗୁଡ଼ିକରେ ସମସ୍ତ ଭାଷାରେ ଟ୍ରାଫିକ ନିୟମ ଲେଖାଯିବା ଆଦି ଦାବି ଉପସ୍ଥାପନ କରାଯାଇଛି। ସଂଗଠନର ସଭାନେତ୍ରୀ ସୋନାଲି ପ୍ରିୟଦର୍ଶନୀ ବେହେରା, ଅରୁଣ କୁମାର ବେହେରା, ରାଜ ଗୁପ୍ତା, ପ୍ରୀତି ସ୍ମିତା ସେଠୀ, ପାର୍ବତୀ ପୃଷ୍ଟି, ରୁବି ମହାନ୍ତି, ଆଶିଷ କୁମାର ରଥ ଓ ସବିତା ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

### ■ଛାତ୍ରୀଙ୍କ ନିଆରା ପ୍ରସ୍ତୁତି

# ବର୍ଜ୍ୟବସ୍ତୁ, ଘରୋଇ ଉପକରଣରେ ରାଖୀ


ଛାତ୍ରୀମାନେ ବର୍ଜ୍ୟ ବସ୍ତୁରେ ପ୍ରସ୍ତୁତ କରିଥିବା ରାଖୀ।

ଉଦଳା,୧୪।୮(ଡି.ଏନ୍.ଏ.)- ରାଖୀ ପୂର୍ଣ୍ଣିମାରେ ଭଉଣୀମାନେ ଭାଇଙ୍କ ହାତରେ ରାଖୀ ବାନ୍ଧି ତାଙ୍କ ମଙ୍ଗଳ ମନାସିବା ପରମ୍ପରା ବହୁ କାଳରୁ ରହି ଆସିଛି । ଏହି ରକ୍ଷାବନ୍ଧନ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିବା ପାଇଁ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ରାଢୋ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ର ଛାତ୍ରୀମାନେ ସ୍ୱତନ୍ତ୍ର ପ୍ରସ୍ତୁତି କରିଛନ୍ତି। ଛାତ୍ରୀମାନେ ରାକ୍ଷାବନ୍ଧନ ପର୍ବରେ ନିଜ ଘରକୁ ନ ଯାଇ ହଷ୍ଟେଲରେ ରହିଥାନ୍ତି। ଏହି ପର୍ବରେ ହଷ୍ଟେଲରେ ରହୁଥିବା ଭଉଣୀମାନଙ୍କ ସହ ଖୁସି ବାଣ୍ଟିବା ପାଇଁ ସେମାନଙ୍କ ଭାଇମାନେ ବିଦ୍ୟାଳୟକୁ ଆସିଥାନ୍ତି। ଏଥିପାଇଁ ଭଉଣୀମାନେ ନିଜ ହାତରେ ଭାଇମାନଙ୍କ ପାଇଁ ରାଖୀ ପ୍ରସ୍ତୁତ କରି ରଖିଥାନ୍ତି । ଏହି ରାଖୀକୁ ସେମାନେ ବର୍ଜ୍ୟବସ୍ତୁ, ଘରୋଇ ଉପକରଣ ଓ ଫୁଲ ଇତ୍ୟାଦିରୁ ପ୍ରସ୍ତୁତ କରିଛନ୍ତି। ରାକ୍ଷୀ ପୂର୍ଣ୍ଣମୀର ୫ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ଛାତ୍ରୀମାନଙ୍କୁ ଏଥିନେଇ ଦିଗଦର୍ଶନ ଦେଇଥାନ୍ତି। ଉଦଳା ଉପକାରାଗାରରେ ଥିବା ଅନ୍ତେବାସୀମାନଙ୍କୁ ମଧ୍ୟ ଛାତ୍ରୀମାନେ ଏହି ହାତ ତିଆରି ରାଖୀ ବାନ୍ଧିଥାନ୍ତି । ବିଦ୍ୟାଳୟର ଅନ୍ତେବାସିନୀମାନଙ୍କୁ ଭବିଷ୍ୟତରେ ରୋଜଗାରକ୍ଷମ କରିବା ପାଇଁ ମାଟିଦୀପ, ସବାଇ ଘାସ, ଝୋଟ ଇତ୍ୟାଦିରୁ ବିଭିନ୍ନ ଘର ସଜ୍ଜା ଏବଂ ବ୍ୟବହାରରେ ଲାଗୁଥିବା ଦ୍ରବ୍ୟ ପ୍ରସ୍ତୁତ ନିମନ୍ତେ ଶିକ୍ଷକମାନଙ୍କ ଦ୍ୱାରା ତାଲିମ୍ ଦିଆଯାଇଥାଏ ବୋଲି ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ର କହିଛନ୍ତି। ଏହି ସମସ୍ତ କାର୍ଯ୍ୟ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଧାଂଶୁ ବେହେରା, ସଙ୍ଗୀତ ଶିକ୍ଷକ ବିଶ୍ୱନାଥ ପଣ୍ଡା, ୱାର୍ଡେନ୍ ରଶ୍ମୀରାଣୀ ସାମଲ, ଶିକ୍ଷକ ବିରଜା ବେହେରା ସହଯୋଗ କରୁଛନ୍ତି। ତେବେ ରାକ୍ଷୀ ପ୍ରସ୍ତୁତ କରୁଥିବା ଛାତ୍ରୀ ନନ୍ଦିନୀ ସୋରେନ୍ (ଷଷ୍ଠ), ସରସ୍ୱତୀ ହାଁସଦା (ସପ୍ତମ), ପୂଜା ସିଂ(ସପ୍ତମ), ନିରୁପମା ମହାନ୍ତ(ଅଷ୍ଟମ) ଶ୍ରେଣୀର ଛାତ୍ରୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ଏହି ବିଦ୍ୟାଳୟରେ ପ୍ରାୟ ୩ବର୍ଷ ହେଲା ଆମେ ବର୍ଜ୍ୟବସ୍ତୁ ଓ ଘରୋଇ ଉପକରଣରେ ରାଖୀ ପ୍ରସ୍ତୁତ କରି ନିଜ ଭାଇମାନଙ୍କ ହାତରେ ବାନ୍ଧି ପୁରାତନ ସଂସ୍କୃତିକୁ ବଞ୍ଚାଇ ରଖିପାରିଥିବାରୁ ସେଥିପାଇଁ ଆମେ ବେଶ୍ ଖୁସି ଅନୁଭବ କରୁଛୁ।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଗିରଫ

ବାରିପଦା ଅଫିସ,୧୪।୮- ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅନ୍ତର୍ଗତ ଟିକରପଡା ଗ୍ରାମରେ ବୁଧବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ କୋଦାଳରେ ପିଟି ହତ୍ୟା କରିଛନ୍ତି। ହତ୍ୟାକାରୀଙ୍କୁ ପୋଲିସ ଗିରଫ କରି ପଚରାଉଚୁରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଟିକରପଡା ଗ୍ରାମର ସାବିତ୍ରୀ ସିଂଙ୍କୁ ତାଙ୍କ ସ୍ୱାମୀ କର୍ମ ସିଂ ହତ୍ୟା କରିଥିବା ନେଇ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ବାରିପଦା ଏସଡିପିଓ କେ.ପି. ପଟ୍ଟନାୟକ ଓ ସଦର ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାଡ ନେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ପୋଲିସ ହେପାଜତକୁ ନେବା ସହିତ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।


**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାଷର୍କି ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଳିଚନ୍ଦ୍ରପୁରଠାରେ ଶାଖା ସୁଚାରୁରୂପେ କାର୍ଯ୍ୟ କରୁଅଛି।

**ପ୍ରହ୍ଲାଦ ସାହୁ**
**ସମ୍ପାଦକ**
**ମୋ.- ୯୪୩୯୪୩୭୫୦୬**

**ପ୍ରମୋଦ ସାହୁ**
**ସଭାପତି**
**ମୋ.- ୯୪୩୭୧୮୩୧୯୯**


# କାରଣ ଦର୍ଶାଅ ନୋଟିସ ଦେଇ ଚୁପ ବସିଛନ୍ତି କର୍ତ୍ତୃପକ୍ଷ

### ସଫେଇ ଦାୟିତ୍ୱରେ ଥିବା ସଂସ୍ଥାକୁ ଅହେତୁକ ଅନୁକମ୍ପା

ବାରିପଦା ଅଫିସ,୧୪।୮


ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ।

ବଣପାହାଡ ଘେରା ତଥା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଅପହଞ୍ଚ ଇଲାକାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନରେ ବାରିପଦା ରଙ୍ଗାମାଟିଆଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉନ୍ନିତ କରାଯାଇ ମେଡିକାଲ କଲେଜସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ରୋଗୀମାନେ ମଧ୍ୟ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଆସିଥାନ୍ତି। ସେହିପରି ପଡୋଶୀ ଜିଲାଗୁଡିକରୁ ମଧ୍ୟ ଲୋକେ ଏହି ମେଡିକାଲ ଉପରେ ଭରସା କରି ଥାଆନ୍ତି। ତେବେ ବିଭିନ୍ନ ସମୟରେ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଚିକିତ୍ସାଳୟ ବହୁ ଅବ୍ୟବସ୍ଥାରେ ଗତି କରୁଛି। ବିଶେଷକରି ଚିକିତ୍ସାଳୟରେ ସଫେଇ କାର୍ଯ୍ୟ କ୍ଷେତ୍ରରେ ଅନିୟମିତତା ଦେଖା ଦେଉଛି। ଜିଲାର ବହୁ ସାମାଜିକ ସଂଗଠନ ଏ ନେଇ ଅଭିଯୋଗ କରିବା ସହ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ ମଧ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଚେତା ପଶୁନାହିଁ। ଫଳରେ ପୂର୍ବାପେକ୍ଷା ଏଠାରେ ରୋଗୀଙ୍କ ସଂଖ୍ୟା କମୁଥିବା ପରିଲକ୍ଷିତ ହେଉଛି। ଉଲ୍ଲେଖ ଯୋଗ୍ୟ ଯେ, ମେଡିକାଲ କଲେଜର ସଫେଇ ଦାୟିତ୍ୱ ନେଇଥିବା ସଂସ୍ଥା ସଫେଇ କର୍ମଚାରୀମାନଙ୍କୁ ଦରମା ପ୍ରଦାନରେ ଅନିୟମିତତା କରୁଥିବା ଅଭିଯୋଗ କରି ଗତ ଜୁଲାଇ ମାସରେ ସଫେଇ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ଫଳରେ ମେଡିକାଲ ପରିସରରେ କୁଢ଼ କୁଢ଼ ଅଳିଆ ଗଦା ହୋଇଯାଇଥିଲା। କର୍ତ୍ତୃପକ୍ଷ ସେତେବେଳେ ଏହି ସମସ୍ୟାର ସମାଧାନ କରିଦେଇଥିଲେ। ଏହା ପରେ ମେଡିକାଲ କର୍ତ୍ତୃପକ୍ଷ ତଥା ଚିଫ ଡିଷ୍ଟ୍ରିକ୍ଟ ମେଡିକାଲ ଆଣ୍ଡ ପବ୍ଲିକ ହେଲ୍‌ଥ ଅଫିସର ସଫେଇ ଦାୟିତ୍ୱରେ ଥିବା ଏମ/ଏସ ସୁମିତ ସିକ୍ୟୁରିଟି ସର୍ଭିସକୁ ପତ୍ର ସଂଖ୍ୟା-୩୦୬୩ (୧୭।୭।୨୦୧୯)ରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତେବେ ମଙ୍ଗଳବାରଠାରୁ ପୁନର୍ବାର ଏଭଳି ସ୍ଥିତି ଦେଖାଦେଇଛି। ସଫେଇ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁଁ ମେଡିକାଲ କଲେଜ ପରିସର ସଫେଇ ହୋଇ ପାରି ନାହିଁ। ଏହି ଘଟଣାର ସ୍ଥାୟୀ ସମାଧାନ ଦିଗରେ ନା ମେଡିକାଲ କର୍ତ୍ତୃପକ୍ଷ ନା ସଫେଇ ଦାୟିତ୍ୱରେ ଥିବା ସଂସ୍ଥା କେହିବି ଗୁରୁତ୍ୱ ଦେଉ ନାହାନ୍ତି। ଫଳରେ ରୋଗୀ ଏଠାରେ ସୁସ୍ଥ ହେବା ବଦଳରେ ଅଧିକ ରୋଗ ନେଇ ଫେରୁଥିବା ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏହି ସଂସ୍ଥାକୁ ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ କଳାତାଲିକା ଭୁକ୍ତ କରିବାକୁ ସେ ଦାବି କରିଛନ୍ତି। ତାଙ୍କ କହିବା ମୁତାବକ ଏହି ସଂସ୍ଥା ୩ ବର୍ଷ ପାଇଁ ମେଡିକାଲ କଲେଜ ସହିତ ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲାରେ ଥିବା ୨୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ମଧ୍ୟ ନେଇଛି। ତେବେ ରାଇରଙ୍ଗପୁର, କରଞ୍ଜିଆ ଓ ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ମଧ୍ୟ ଆବଶ୍ୟକ ମୁତାବକ ସଫେଇ କର୍ମଚାରୀ ନ ଥିବାରୁ ସଫେଇ କାର୍ଯ୍ୟ ଠିକ ଭାବେ ହେଉନାହିଁ। ମେଡିକାଲ ସଫେଇରେ ଏହି ସଂସ୍ଥା ବିଫଳ ହୋଇଥିବା ବେଳେ ସଫେଇ କର୍ମଚାରୀମାନଙ୍କୁ ବିଭିନ୍ନ ଉପକରଣ ଯଥା ୟୁନିଫର୍ମ, ଆଇଡି କାର୍ଡ,ମାସ୍କ,ଗ୍ଲୋଭ, ଯୋତା ଆଦି ପ୍ରଦାନ କରିନାହିଁ। ଅବଶ୍ୟକ ମୁତାବକ ସଫେଇ କର୍ମଚାରୀ ନିୟୋଜିତ କରାଯାଇ ନାହିଁ। ଏହି ସଂସ୍ଥା ଜିଲାର ସମସ୍ତ ଚିକିତ୍ସାଳୟର ସଫେଇ ବାବଦକୁ ମାସକୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଉଛି। ଟେଣ୍ଡର ନେବା ବେଳେ ୩ ବର୍ଷରେ ପାଇବାକୁ ଥିବା ମୋଟ ଟଙ୍କାର ୫ ପ୍ରତିଶତ ଅଗ୍ରୀମ ଜମା ଦେବା ପରେ ସଂସ୍ଥାକୁ କାର୍ଯ୍ୟାଦେଶ ଦେବା ନିୟମ ରହିଛି। ମାତ୍ର ଏହି ସଂସ୍ଥା ଅଗ୍ରୀମ ଜମା ଦେଇ ନ ଥିବା ବେଳେ ସଫେଇ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରି ମେଡିକାଲ କର୍ତ୍ତୃପକ୍ଷ ଅହେତୁକ ଅନୁକମ୍ପା ଦେଖାଇଛନ୍ତି ବୋଲି ମଧ୍ୟ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ଅନିଲ କୁମାର ମହାନ୍ତିଙ୍କ ସହିତ ଆଲୋଚନା କରିବାରୁ ଏହି ଘଟଣାର ସ୍ଥାୟୀ ସମାଧାନ ପାଇଁ ବୁଧବାର ମେଡିକାଲ କଲେଜର ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କୁ ନେଇ ବୈଠକ ଡକାଯାଇ ଆଲୋଚନା କରାଯାଇଛି। ପରେ ଏନେଇ ଜିଲାପାଳଙ୍କୁ ସାକ୍ଷାତ କରାଯାଇ ସ୍ଥାୟୀ ସମାଧାନର ସୂତ୍ର ବାହାର କରାଯିବ ବୋଲି କହିଛନ୍ତି।


No.: 39-L

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ଓଡ଼ିଶା ଶାସନ

**କାଳିଆ**

**ଗ୍ରାମ ପଞ୍ଚାୟତ ସ୍ତରରେ**
**କାଳିଆ ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟା**

**୨୭ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ**

- କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା କିମ୍ବା ଦରଖାସ୍ତ କରି ଚୟନ ହୋଇନଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୨୭ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁରହିବ ।
- ଏହି ଯାଞ୍ଚରେ କାଳିଆ ସହାୟତା ପାଇଥିବା ତାଲିକାରୁ କାଳିଆ ମାନଦଣ୍ଡ ବ୍ୟବହାର କରି ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଓ ବାଦ୍ ଦିଆଯିବ ।
- କମ୍ ହିତାଧିକାରୀ ଥିବା ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାଳିଆ ଦରଖାସ୍ତ ଫର୍ମ ଗ୍ରହଣ ଓ ଅନ୍ୟ ସମସ୍ତ ପଞ୍ଚାୟତରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ବ୍ୟବସ୍ଥା ଏହି ସମୟ ମଧ୍ୟରେ ଚାଲୁ ରହିବ ।

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବର ବ୍ୟବହାର କରନ୍ତୁ ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା
କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

**www.kalia.co.in**

କାଳିଆ ହେଲ୍ପ ଲାଇନ୍
୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

01034/11/0012/1920

## ଆଜି କ'ଣ କେଉଁଠି

ଭଦ୍ରକ
- କୃଷକ ବହୁମୁଖୀ ସମବାୟ ସମିତି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବନ୍ତ ଛକ, ସମୟ- ସକାଳ ୮ଟା।
- ମେଗା ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ- ମଦିନା ମଇଦାନ, ସମୟ: ସକାଳ ୮ଟା।

## ସଂକ୍ଷେପରେ

### ହାଇୱା ସିଣ୍ଡିକେଟର ନୂତନ କର୍ମକର୍ତ୍ତା ନିର୍ବାଚିତ

ଭଦ୍ରକ ଅଫିସ, ୧୪।୮: ବାସୁଦେବପୁର ବ୍ଲକର ବିରସ ହାଇୱା ସିଣ୍ଡିକେଟର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଆୟୋଜିତ ବୈଠକରେ ଶୁଭେନ୍ଦୁ ବେହେରା ସଭାପତିତ୍ୱ କରିଥିଲେ। ସିଣ୍ଡିକେଟର ୩୦ ସଭ୍ୟଙ୍କ ମଧ୍ୟରୁ ସର୍ବସମ୍ମତି କ୍ରମେ ବଂଶୀଧର ବିଶ୍ୱାଳ ସଭାପତି ଓ କୃଷ୍ଣଚନ୍ଦ୍ର ଘଡେଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ମୁରଲୀଧର ବେହେରା, ହରେକୃଷ୍ଣ ବେହେରା, ଅମର ବିଶ୍ୱାଳ, ଭଜହରି ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା, ମୋହନ ବିଶ୍ୱାଳ ଓ ହରିହର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନବନିର୍ବାଚିତ ସଭାପତି ଓ ସମ୍ପାଦକ ଆଗାମୀ ଦିନରେ ସିଣ୍ଡିକେଟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ମଦିନା ମଇଦାନରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଅଫିସ, ୧୪।୮: ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ଲାଗି ଭଦ୍ରକ ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ଦୁଇଦିନିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଡ୍‌କୋସ୍ (ଏଚ୍‌ପି ରୁରାଲ ଏଣ୍ଟରପ୍ରିନରଶିପ୍ ଡେଭ୍‌ଲପମେଣ୍ଟ ଓ କନ୍‌ସଲ୍‌ଟେନ୍ସି ଅର୍ଗାନାଇଜେସନ) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାଠ ପଢୁଆ ଛାତ୍ରୀଛାତ୍ର ଓ ଅନ୍ୟ ବର୍ଗର ଲୋକଙ୍କ ପାଇଁ ଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ ଜେନା ମୁଖ୍ୟଅତିଥି ଏବଂ ଚଉଦ ମହଲା ମୁସ୍‌ଲିମ ଜମାତର ସଭାପତି ମହମ୍ମଦ ଅବଦୁଲ ବାରି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ସମାଜସେବୀ ଭବେନ୍ଦ୍ର ସାହୁ, ରେଡ୍‌କୋସ୍‌ର ନିର୍ଦ୍ଦେଶକ ବଲୱନ୍ତ ସିଂ ଠାକୁର, ଜିତେନ୍ଦ୍ର ଅତ୍ରି, ସନ୍ଦୀପ ମହ୍ନୋତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କୁ ଉପହାର ବଣ୍ଟନ କରାଯାଇଥିଲା।

# ସହରରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବାସୁଦେବପୁର, ୧୪।୮ (ଡି.ଏନ.ଏ.)



ଟ୍ରାଫିକ ଛକରେ ଜମି ରହିଛି ବର୍ଷାପାଣି।

- ଅସରାଏ ବର୍ଷାରେ ଅବସ୍ଥା ବେହାଲ
- ହୋଇପାରୁନି ଜଳ ନିଷ୍କାସନ
- ଯାତାୟାତ ଲାଗି ଲୋକେ ହଇରାଣ

ଭଦ୍ରକ ଜିଲା ବାସୁଦେବପୁର ସହରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହର ଓ ଏହା ସଂଲଗ୍ନ ଅଞ୍ଚଳର ବର୍ଷାପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଅସରାଏ ବର୍ଷାରେ ମୁଖ୍ୟ ସହର ଅବସ୍ଥା ବେହାଲ ହୋଇଛି। ସହରସ୍ଥିତ ଟ୍ରାଫିକ ଛକରେ ଅସ୍ଥାୟୀ ଜୋତା ଦୋକାନଠାରୁ ରୁକ୍ମିଣୀ ମେଡିକାଲ ଷ୍ଟୋର ପର୍ଯ୍ୟନ୍ତ ପ୍ରାୟ ୨ଶହ ମିଟରରୁ ଊର୍ଦ୍ଧ୍ୱ ରାସ୍ତା ଉପରେ ବର୍ଷାପାଣି ସପ୍ତାହ ଧରି ଜମି ରହି ଏକ ନାଳୀର ଭ୍ରମ ସୃଷ୍ଟି କରୁଛି। ବ୍ଲକରୋଡରୁ ମୁଖ୍ୟ ସଡ଼କ ଏବଂ ମୁଖ୍ୟରାସ୍ତାରୁ ବ୍ଲକରୋଡକୁ ଆସୁଥିବା ପଥଚାରୀଙ୍କୁ ପ୍ରତିଦିନ ଏହି ଅପରିଷ୍କାର ପାଣିରେ ପଶି ଚାଲିବାକୁ ପଡୁଛି। ବର୍ଷାଦିନ ପୂର୍ବରୁ ଜଳ ନିଷ୍କାସନ ନେଇ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସହର ମଧ୍ୟରେ ଜମି ରହିଥିବା ଏହି ବର୍ଷାପାଣି ସହରବାସୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଥିଲାବେଳେ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ବାସୁଦେବପୁର ମୁଖ୍ୟ ସହରରେ ଏଭଳି ଡ୍ରେନେଜ ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଟ୍ରାଫିକଛକଠାରୁ ହାଟସାଗର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ଡ୍ରେନ ପୋତିହୋଇ ରହିଥିବାରୁ ପାଣି ନିଷ୍କାସିତ ହେବା ପରିବର୍ତ୍ତେ ଡ୍ରେନର ମଇଳା ପାଣି ରାସ୍ତାକୁ ମାଡ଼ି ଆସୁଛି। ଏହି ଅପରିଷ୍କାର ପାଣି ରାସ୍ତାରେ ଜମି ରହୁଛି। ଫଳରେ ଟ୍ରାଫିକ ଛକଠାରୁ ପ୍ରାୟ ୩ଶହ ମିଟର ଦୂରରେ ଥିବା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଇଳା ପାଣି ପଶୁଛି। ଶହ ଶହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପାଣି ମାଡ଼ି ଯାଆସ କରୁଛନ୍ତି। ସେହିପରି ଟ୍ରାଫିକ ଛକଠାରୁ ମାଲୁସାହି ଆଡ଼କୁ ଯାଇଥିବା ଡ୍ରେନ ପୋତି ହୋଇପଡ଼ିଛି। ବ୍ଲକରୋଡରୁ ଦେଉଳି ସେଠୀସାହି ଦେଇ ଯାଇଥିବା ଡ୍ରେନର ମଧ୍ୟ ଅନୁରୂପ ଅବସ୍ଥା। ବର୍ଷାଜଳ ଏହା ମଧ୍ୟଦେଇ ନିଷ୍କାସିତ ହୋଇପାରୁ ନାହିଁ। ମାଛହାଟ, ପରିବାହାଟ ପଛ ଓ ଚାଉଳ ମାର୍କେଟ ଦେଇ ଯାଇଥିବା ଡ୍ରେନ ନର୍ଦ୍ଦମାରେ ପରିଣତ ହୋଇଛି। ସେହିପରି ପ୍ରାଣୀ ଡାକ୍ତରଖାନା ପରିସର, ବାଳିକକଲୋନୀ, ହାଇସ୍କୁଲ ପରିସର ଓ ଏହା ସଂଲଗ୍ନ ଅଞ୍ଚଳର ସ୍ଥିତି ବର୍ଷାରେ ସଙ୍ଗିନ ହୋଇପଡ଼ିଛି। ଠିକ୍ ସମୟରେ ଡ୍ରେନଗୁଡ଼ିକୁ ସଫା କରାଯାଉ ନ ଥିବାରୁ ସହର ଜଳମଗ୍ନ ହେଉଛି ବୋଲି ବାସୁଦେବପୁର ଅଞ୍ଚଳର ସାମାଜିକ କର୍ମୀ ତଥା ବ୍ୟବସାୟୀ କିଶୋର କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ବିଶେଷ କରି ସହରାଞ୍ଚଳ ତଥା ମୁଖ୍ୟ ସହରରୁ ଜଳ ନିଷ୍କାସନ ଓ ଡ୍ରେନେଜ ବ୍ୟବସ୍ଥା ଠିକ୍ ଭାବେ କରିବା ପୌରପାଳିକା ଓ ପ୍ରଶାସନର ଦାୟିତ୍ୱ। ହେଲେ ବିଭାଗୀୟ ଅଧିକାରୀ ଠିକ୍ ଭାବେ କାର୍ଯ୍ୟ ନିର୍ବାହ କରୁ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ବ୍ୟବସାୟୀ ସୁଶାନ୍ତ କୁମାର ବେହେରା ମତପ୍ରକାଶ କରିଛନ୍ତି। ଟ୍ରାଫିକ ଛକରେ ସପ୍ତାହେ ଧରି ପିଚୁ ରାସ୍ତାରେ ବର୍ଷାଜଳ ଜମି ରହିଥିବାବେଳେ ପ୍ରତିଦିନ ବିଭିନ୍ନ ବିଭାଗ ଓ ପ୍ରଶାସନିକ ଅଧିକାରୀ ଚାରିଚକିଆରେ ବସି ଏହି ପାଣି ଉପରେ ଯିବାଆସିବା କରୁଥିଲେ ମଧ୍ୟ ଏହାର ପ୍ରତିକାର ପାଇଁ କେହି ଗୁରୁତ୍ୱ ଦେଉନାହାନ୍ତି। ସାଧାରଣ ପଥଚାରୀ ମଇଳା ପାଣିରେ ଯାଆସ କରି ଚର୍ମରୋଗରେ ଆକ୍ରାନ୍ତ ହେଉଥିବା କହିଛନ୍ତି ବ୍ୟବସାୟୀ ମୃତ୍ୟୁଞ୍ଜୟ ଅଗସ୍ତି। ତୁରନ୍ତ ଉକ୍ତ ସ୍ଥାନରୁ ବର୍ଷାପାଣି ନିଷ୍କାସନର ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନାଙ୍କୁ ପଚାରିବାରୁ ବର୍ଷାଦିନେ ଯେଉଁ ସ୍ଥାନରେ ପାଣି ଜମି ରହୁଛି, ସେଠାରୁ ନିଷ୍କାସନ ଦିଗରେ ପୌରପାଳିକା କାର୍ଯ୍ୟ ଆରମ୍ଭ କରିଛି ବୋଲି କହିଛନ୍ତି। ତେବେ କେତେକ ଲୋକ ସରକାରୀ ଜମି ଜବରଦଖଲ କରି ନାଳୀ, ନୟନଯୋରୀ ମୁହଁକୁ ପୋତି ପକାଇ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି।

# ଜେଲ ପରିସରରେ ରକ୍ଷାବନ୍ଧନ ଉତ୍ସବ



ଭଦ୍ରକ ଜେଲ ଅନ୍ତେବାସୀଙ୍କୁ ରାଖୀ ବନ୍ଧାଯାଉଛି।

ଭଦ୍ରକ ଅଫିସ, ୧୪।୮

ଭଦ୍ରକ ଜେଲ ପରିସରରେ ବୁଧବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଜେଲ ଅନ୍ତେବାସୀମାନଙ୍କୁ ରକ୍ଷା ବନ୍ଧନ କରାଯାଇଥିଲା। ପୂର୍ବାହ୍ନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପରିଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ, ଗୀତା, ସନ୍ଧ୍ୟା, ବ୍ରହ୍ମାକୁମାର ସୌଭାଗ୍ୟ, ସୁଧାଂଶୁ ଓ ନିକୁଞ୍ଜ ପ୍ରମୁଖ ପହଞ୍ଚି ଜେଲ ଅନ୍ତେବାସୀଙ୍କୁ ପରମାତ୍ମାଙ୍କ ଅଲୌକିକ ରାଖୀ ବାନ୍ଧି ତିଳକ୍ ଚନ୍ଦନ ଲଗାଇ ମିଠା ବଣ୍ଟନ କରିଥିଲେ। ଜେଲ ପରିସରରେ ଆୟୋଜିତ ଉତ୍ସବରେ ପରିଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଅଲୌକିକ ରକ୍ଷାବନ୍ଧନ ସମ୍ପର୍କରେ ବକ୍ତବ୍ୟ ରଖି କହିଥିଲେ ଯେ, ସାରା ସଂସାର ବର୍ତ୍ତମାନ କାମ, କ୍ରୋଧ, ଲୋଭ, ମୋହ ଅହଙ୍କାରରେ ବନ୍ଧା। ସ୍ୱୟଂ ପରମ୍‌ପିତା ପରମାତ୍ମା ମନୁଷ୍ୟଙ୍କୁ ରକ୍ଷା କରିବା ଲାଗି ପବିତ୍ରତାର ରାଖୀ ବାନ୍ଧିଥାନ୍ତି। ମନ ବୁଦ୍ଧିକୁ ଶୁଦ୍ଧ ରଖିଲେ ମନୁଷ୍ୟ ସମସ୍ତ ବନ୍ଧନରୁ ମୁକ୍ତ ହୋଇପାରିବ। ସେହିଭଳି ଅପରାହ୍ନରେ ଭଦ୍ରକ ମାନବାଧିକାର କର୍ମୀମାନେ ଜେଲ ପରିସରରେ ପହଞ୍ଚି ଅନ୍ତେବାସୀଙ୍କୁ ରାଖୀ ବାନ୍ଧିଥିଲେ। ମାନବାଧିକାର ସୁରକ୍ଷା ସଭାପତି ରାଜଲକ୍ଷ୍ମୀ ମହାପାତ୍ର, ଆଇନଜୀବୀ ଗଦାଧର ବଳ, ଅଞ୍ଜନା ମିଶ୍ର, ଚୈତାଳୀ ଖିଲାର, ରିଚିସ୍ମିତା ମହାନ୍ତି, ସୁରେଶ୍ୱରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜେଲ କର୍ମଚାରୀଙ୍କୁ ମଧ୍ୟ ରାଖୀ ବନ୍ଧା ଯାଇଥିଲା।

## ନାଆଁମୀ କଲେଜରେ ଇଗ୍ନୋ ସଚେତନତା ଶିବିର

ଭଣ୍ଡାରିପୋଖରୀ, ୧୪।୮ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ନାଆଁମୀ କଲେଜଠାରେ ବୁଧବାର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ମହାବିଦ୍ୟାଳୟ କେନ୍ଦ୍ର ଅଧିକାରୀ ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନାୟକ, ସାଧନା ସାମାଜିକ ପରିବର୍ତ୍ତନର ପ୍ରତିଷ୍ଠାତା ସାଧନା ନାୟକ ଯୋଗଦେଇ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଇଗ୍ନୋ ଅଧୀନରେ ୨୭୬ ପ୍ରକାର ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ନାଆଁମୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଅଧ୍ୟାପକ ଅଶୋକ କୁମାର ଦାଶ, ଡ. ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ବିନାୟକ ଘୋଷ ପ୍ରମୁଖ ଯୋଗ ଦେଇଥିଲେ।

# କାଳିଆ ତାଲିକାରେ ନାଁ, ମିଳିନି ଟଙ୍କା

ବନ୍ତ, ୧୪।୮ (ଡି.ଏନ.ଏ.)

କାଳିଆ ଯୋଜନାକୁ ଅଧିକ ସ୍ୱଚ୍ଛ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ସହିତ ପ୍ରକୃତ ଚାଷୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ କାଳିଆ ଅର୍ଥ ପାଇଥିବା ଚାଷୀଙ୍କ ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ତ୍ରୁଟିପୂର୍ଣ୍ଣ ଥିବା ଏବଂ କାଳିଆ ଅର୍ଥ ପାଇ ନ ଥିବା କେତେକ ଚାଷୀଙ୍କ ନାମ ପ୍ରକାଶ ପାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟଙ୍କୁ ପଚାରିବାରୁ କହିଛନ୍ତି, ପୂର୍ବରୁ ବ୍ୟାଙ୍କ ଜରିଆରେ ଯେଉଁ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ଅର୍ଥ ପଠାଯାଇଥିଲା ସେତେବେଳେ କେତେଜଣ ଚାଷୀଙ୍କ ଆକାଉଣ୍ଟକୁ କୌଣସି କାରଣ ପାଇଁ ଟଙ୍କା ଯାଇପାରି ନାହିଁ। ଯେଉଁ ଚାଷୀଙ୍କର ଏଭଳି ତ୍ରୁଟି ହୋଇଛି, ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ନୋଡାଲ ଅଫିସରଙ୍କ ନିକଟକୁ ଯାଇ ତଥ୍ୟକୁ ଅପ୍‌ଡେଟ୍ କରିପାରିବେ। ବନ୍ତ ବ୍ଲକରେ ଏହି ଯୋଜନାରେ ସାମିଲ ହୋଇଥିବା ଚାଷୀଙ୍କୁ ଗତ ଡିସେମ୍ବର ଓ ଜାନୁୟାରୀରେ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଥିଲା। ପରେ ଜୁନ୍‌ରେ ୫ ହଜାର ଲେଖାଏ ଟଙ୍କାର ଆର୍ଥିକ ସହାୟତା ମିଳିଛି।

# ସହାୟତା ଅପେକ୍ଷାରେ ଅସହାୟ ପରିବାର

ଆରଡ଼ି, ୧୪।୮ (ଡି.ଏନ.ଏ.)



କର୍କଟ ରୋଗାକ୍ରାନ୍ତ ଜଟାଳି ଦାସ।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଆରଡ଼ି ପଞ୍ଚାୟତ ଅଧୀନ ମୂଆଁ ଗାଁରେ ଏକ ଅସହାୟ ପରିବାର ଏବେ ଭୋକ ଉପାସରେ ଦିନ ବିତାଉଛନ୍ତି। ପରିବାରର ମୁଖ୍ୟ ଜଟାଳି ଦାସ(୬୩) କର୍କଟ ରୋଗାକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ଏହି ଦିନମଜୁରିଆ ପରିବାର ଆଖିରୁ ନିଦ ହଜିଛି। ଜଟାଳିଙ୍କ ପରିବାର କହିଲେ ମା'ଓ ସ୍ତ୍ରୀ। ଜଟାଳି କାମଧନ୍ଦା କରିପାରୁ ନ ଥିବାରୁ ଚଳିବାରେ ଅସୁବିଧା ହେଉଛି। ଏଥିଲାଗି ତାଙ୍କ ଭଣଜା ଆସି ଦେଖାଶୁଣା କରୁଛନ୍ତି।

ଜଟାଳି କହିଛନ୍ତି, ସେ ଅସୁସ୍ଥ ହେବା ପରେ ୨ ମାସ ଧରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ କଟକ ବଡ଼ ଡାକ୍ତରଖାନା ଯାଇ ପରୀକ୍ଷା ନିରୀକ୍ଷା କରିବାରୁ ସେ କର୍କଟ ରୋଗାକ୍ରାନ୍ତ ବୋଲି ଜଣାପଡ଼ିଥିଲା। ଅସ୍ତ୍ରୋପଚାର ଲାଗି ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଛନ୍ତି। ଏଭଳି ସ୍ଥିତିରେ ଜଟାଳିଙ୍କ ପରିବାର ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗ୍ରାମବାସୀ ଜଟାଳିଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବା ସକାଶେ ଭଦ୍ରକ ଜିଲାପାଳ ଓ ବିଭିନ୍ନ ରାଜନୈତିକ ଦଳର ନେତାଙ୍କୁ ଅନୁରୋଧ ଜଣାଇଛନ୍ତି।

# ପରାମର୍ଶ ଶିବିରରେ ୫୫୬ ନିଯୁକ୍ତି ଆଶାୟୀ

ବନ୍ତ, ୧୪।୮ (ଡି.ଏନ.ଏ.)

## ତାଲିମ ପାଇଁ ୨୭୭ ଜଣ ମନୋନୀତ



ଶିବିରରେ ଅଂଶଗ୍ରହଣ କରିଥିବା ଯୁବତୀ ଯୁବକ।

ବନ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଦୀନଦୟାଲ ଗ୍ରାମୀଣ କୌଶଳ ଯୋଜନା ଆନୁକୂଲ୍ୟରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପଞ୍ଜୀକରଣ, ସହାୟତା ସମେତ ମୋଟ ୧୫ଟି ଷ୍ଟଲ ହୋଇଥିଲା। ୧୨ଟି ଟ୍ରେଡ୍ ପାଇଁ ମୋଟ ୫୫୬ ଜଣ ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୭୭ ଜଣଙ୍କୁ ଚୟନ କରାଯାଇଥିବା ବେଳେ ଆସନ୍ତା ସୋମବାରଠାରୁ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଜଣାଯାଇଛି।

ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଡିଆର୍‌ଡିଏର ଏପିଡି(ଦକ୍ଷତା) ରୂପାଲି ମହାପାତ୍ର, ଓଡ଼ିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ ସଞ୍ଜୟ ବାରିକ, ଡିଆର୍‌ଡିଏ ଜିଲା ସଂଯୋଜକ(ଦକ୍ଷତା) ପ୍ରିୟଦର୍ଶନ ଜେନା, ଜିପିଓ ନିଶିକାନ୍ତ ଖୁଣ୍ଟିଆ, ବ୍ଲକ ଜୀବିକା ମିଶନ ସଂଯୋଜିକା ବନଜା ବାରିକ, ସସ୍ମିତା ସାହୁ, ଦକ୍ଷତା ବିକାଶ ସଂଯୋଜିକା ସ୍ମିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଯୁବତୀ ଯୁବକଙ୍କୁ ଦକ୍ଷତା ବିକାଶ ତାଲିମ ଦ୍ୱାରା ଅଧିକ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଥିବା ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ବ୍ଲକ ପ୍ରକଳ୍ପ ପରିଚାଳିକା ସସ୍ମିତା ଦାସ। ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ନିଯୁକ୍ତି ସଂସ୍ଥାର ରମାକାନ୍ତ ମହାନ୍ତି, ସତ୍ୟରଞ୍ଜନ ମିଶ୍ର, ରଶ୍ମିରଞ୍ଜନ ମହାରଣା, ସୁକାନ୍ତ ସାହୁଙ୍କ ସମେତ ୧୨ ପିଆଇଏ(ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ଏଜେନ୍ସି) ଯୋଗଦେଇ ବିଭିନ୍ନ ଟ୍ରେଡ୍ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ବିଡିଓଙ୍କୁ ଦାବିପତ୍ର ଦେଲେ ସତ୍ୟବ୍ରତ

ବାସୁଦେବପୁର, ୧୪।୮ (ଡି.ଏନ.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ପ୍ରଦାନ, ପୋଲାଭରମ ପ୍ରକଳ୍ପକୁ ବନ୍ଦ ଦାବିରେ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିନ୍ଦୋଳ ଗ୍ରାମର ଯୁବକ ସତ୍ୟବ୍ରତ ଦାସ ପଦଯାତ୍ରା କରୁଛନ୍ତି। ବୁଧବାର ଅପରାହ୍ନରେ ସେ ବାସୁଦେବପୁର ବ୍ଲକରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ପ୍ରଦାନ କରିଥିଲେ। ଓଡ଼ିଶା ଜନସଚେତନତା ମଞ୍ଚ ପକ୍ଷରୁ ସେ ଏହି ଦୁଇ ଦାବି ପୂରଣ ନେଇ ତ୍ରିରଙ୍ଗା ପତାକା ଧରି ଚାଲି ଚାଲି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଲାଗିଛନ୍ତି। ବିଡିଓଙ୍କୁ ଦାବିପତ୍ର ପ୍ରଦାନ ବେଳେ ସତ୍ୟବ୍ରତଙ୍କ ସହ କେତେକ ଯୁବ ସାମାଜିକ କର୍ମୀ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com



ମାନସ



ନିଶିକାନ୍ତ



ଅଭିଷେକ

# ଅଖଣ୍ଡ ଭାରତ ସଂକଳ୍ପ ଦିବସ

ଭଦ୍ରକ ଅଫିସ, ୧୪।୮

ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଭଦ୍ରକ ଗାନ୍ଧୀପଡ଼ିଆସ୍ଥିତ ରାମନବମୀ କାର୍ଯ୍ୟାଳୟ ପରିସରରେ ବୁଧବାର ଅଖଣ୍ଡ ଭାରତ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ରବିନାରାୟଣ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ମାନସ ମହାନ୍ତି ଏବଂ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ବିଜୟ କୁମାର ସିହ୍ନା ଯୋଗ ଦେଇଥିଲେ। ବଜରଙ୍ଗ ଦଳର ଭଦ୍ରକ ଜିଲା ସଂଯୋଜକ ବିପିନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ବାୟୁସେନାର ଅବସରପ୍ରାପ୍ତ କର୍ମୀ ରାଜେନ୍ଦ୍ର ମହାପାତ୍ର, ନିରଞ୍ଜନ ସାହୁ, ବିଜୟ ନାୟକ, ଶ୍ରୀକାନ୍ତ ହୋତା, ସ୍ୱାଧୀନ ସୁନ୍ଦର ଦାସ, ସିପ୍ରା ରାଉତ, ରୋହିତ ଜେନା, ଶିବନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ଯେନା, ଗିରିଜା ପଣ୍ଡା, ପ୍ରଶାନ୍ତ ମଲ୍ଲିକ, ପଙ୍କଜ ଦାସ ଓ ଦେବାଶିଷ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ପରେ ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ହଳଦୀଡିହ ବାଇପାସ୍‌ସ୍ଥିତ ଭାରତମାତା ମନ୍ଦିର ପ୍ରାଙ୍ଗଣରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।



କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା।

**ସଂକ୍ଷେପରେ**

## ହାତଗୋଡ ବନ୍ଧା ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କଲା ପୋଲିସ

ବାହାନଗା,୧୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଥରପେଣ୍ଡ ପଞ୍ଚାୟତ ଅଞ୍ଚଳର ଏକ ଗାଁରେ ଜଣେ ଯୁବକଙ୍କୁ ହାତଗୋଡ ବାନ୍ଧି ଘର ଭିତରେ ପୁରାଇ ନିସ୍ତୁକ ମାଡ ମାରିବା ଘଟଣା ପଦାକୁ ଆସିଛି। ବୁଧବାର ସନ୍ଧ୍ୟାରେ ପୋଲିସ ପହଞ୍ଚି ସେହି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଖନ୍ତପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ପୋଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ଯାଏ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ଯୁବକ ଦିଲ୍ଲୀରେ ରହି କାମ କରନ୍ତି। ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ପିଲା ରହନ୍ତି। ଦୁଇ ପିଲାଙ୍କ ଭିତରୁ ଜଣେ ମାମୁ ଘରେ ରହି ପାଠ ପଢୁଛନ୍ତି। ଏହି ସୁଯୋଗରେ ଜଣେ ପଡୋଶୀ ଯୁବକ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ଏହାକୁ ପରିବାର ଲୋକେ ବିରୋଧ କରିବାରୁ ପୂର୍ବରୁ ଗଣ୍ଡଗୋଳ ଘଟିଥିଲା। ବୁଧବାର ଦିଲ୍ଲୀରୁ ଆସି ଗାଁରେ ପହଞ୍ଚିଥିବା ଯୁବକ ନିଜ ଘରେ ନିକଟରେ ସେହି ପଡୋଶୀ ଯୁବକଙ୍କୁ ଦେଖି ତାଙ୍କୁ ଆକ୍ରମଣ କରି ଘରେ ବାନ୍ଧି ପକାଇଥିଲେ। ଖବର ପାଇ ଖନ୍ତପଡା ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଦିଲ୍ଲୀ ଫେରନ୍ତା ଯୁବକ ପରେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଅବସରରେ ପୋଲିସ ତାଙ୍କୁ ଏ ନେଇ ପଚରାଉଚୁରା କରିଛି। ଅନ୍ୟପକ୍ଷେ ମାଡଖାଇଥିବା ଯୁବକଙ୍କ ବାପା ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ଅନୈତିକ ସମ୍ପର୍କ ରଖିବା ଘଟଣା ନେଇ ଏଭଳି ଗଣ୍ଡଗୋଳ ଘଟିଥିବା ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ସୂଚନା ଦେଇଛନ୍ତି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଖୁଣ୍ଟା,୧୪।୮(ଡି.ଏନ୍.ଏ.)- ଖୁଣ୍ଟା ବ୍ଲକ କାର୍ଯ୍ୟାଳୟରେ ବୁଧବାର ଚଳିତ ବର୍ଷ ମଧୁବାବୁ ପେନସନ ଯୋଜନାରେ ମଞ୍ଜୁର ହୋଇଥିବା ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଅଧୀନ ୧୪ଟି ପଞ୍ଚାୟତର ମୋଟ ୪୩୭ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପାଇଁ ଚିହ୍ନଟ କରାଯାଇଥିବା ବେଳେ ପ୍ରଥମ ଦିନରେ ୫୬ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ହିତାଧିକାରୀ ୧୫ ତାରିଖରେ ନିଜନିଜ ପଞ୍ଚାୟତରେ ଭତ୍ତା କାର୍ଡ ସହିତ ଟଙ୍କା ପାଇବେ ବୋଲି ବିଡ଼ିଓ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ମାଣ୍ଡି, ଉପାଧ୍ୟକ୍ଷ ସିଦ୍ଧନାଥ ସୋରେନ, ବିଡ଼ିଓ ଦେବଦତ୍ତ ପଣ୍ଡା ଉପସ୍ଥିତ ଥିବା ବେଳେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟା,ସଭ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ରାଇରଙ୍ଗପୁର,୧୪।୮(ଡି.ଏନ୍.ଏ.)- ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହଠାରେ ମଙ୍ଗଳବାର ମୟୂରଭଞ୍ଜ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପ ଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରଶାସକ ଅନନ୍ତ କୁମାର ସିଂ ଲାଗୁରୀ, ସ୍ଥାନୀୟ ଏସଡିଏମଓ ଡା.ଛତିଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ମୋଟ ୩୫ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୨୬ ଟି ବ୍ୟକ୍ତିଗତ, ୮ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି ହୋଇଥିଲା। ସେହିପରି ଯାମଦା ବ୍ଲକ ଅନ୍ତର୍ଗତ ତାଳଗାଁ ଗ୍ରାମର ଦୁଷ୍ମନ୍ତ ବେରାଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲାପାଳ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଗାଣରେ ଅନିୟମିତତା

## ତିହିଡ଼ି ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ

ତିହିଡି, ୧୪।୮ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟସ୍ଥିତ କୃଷି ସୂଚନା ପରାମର୍ଶକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ପୌରୋହିତ୍ୟ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୦୨୮ଟି ଘର ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୪,୫୧୨ ହିତାଧିକାରୀ ପଞ୍ଜୀକୃତ ହୋଇଥିବା ଓ ୨,୯୫୧ ଜଣଙ୍କୁ ଆବାସ ଯୋଗାଇ ଦିଆଯାଇଥିବା ଅଧ୍ୟକ୍ଷା ନାୟକ ସୂଚନା ଦେଇଥିଲେ। ତେବେ ଏହି ଯୋଜନାରେ ଅନିୟମିତତା ହୋଇଥିବା ଧାମନଗର ବିଧାୟକ ବିଷ୍ଣୁ ସେଠୀ ଅଭିଯୋଗ କରିଥିଲେ। ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ୧୫୧ କ୍ରମିକ ନମ୍ବରରେ ଥିବା ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇଛି। ମାତ୍ର ତାଲିକାର ୫୬, ୫୭, ୫୯ ଓ ୬୨ ନମ୍ବରରେ ଥିବା ହିତାଧିକାରୀ ଘର ନ ପାଇବା ପରିତାପର ବିଷୟ ବୋଲି ସେ କହିଥିଲେ। ବାରୋ ପଞ୍ଚାୟତରେ କୋଠାଘର ଲୋକ ଆବାସ ପାଇଥିବା ବେଳେ ଝୁପୁଡିରେ ରହୁଥିବା ଲୋକ ଆବାସ ପାଇ ନ ଥିବା କାଁପଡା ପଞ୍ଚାୟତ ସମିତିସଭ୍ୟ ଉଦ୍ଧବ ଚରଣ ନାୟକ ଅଭିଯୋଗ କରିଥିଲେ। ପଞ୍ଚାୟତକୁ ଯୋଜନାରେ ଟାର୍ଗେଟ୍ ଦିଆଯାଉଥିବା ବେଳେ ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ଆଲୋଚନା କରାଯାଉ ନ ଥିବା ଭାଟପଡ଼ା ସମିତିସଭ୍ୟ ସଂଗ୍ରାମ ଦାସ ଅଭିଯୋଗ ଉଠାଇଥିଲେ। ତେବେ ନିର୍ଦ୍ଦିଷ୍ଟ ଫର୍ମରେ ଯୋଗ୍ୟ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଆବେଦନ କଲେ ସେମାନଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କହିଥିଲେ।




ବୈଠକରେ ଉପସ୍ଥିତ ବିଧାୟକ ଓ ଅଧିକାରୀ।

ଅନ୍ୟପକ୍ଷେ ସୌଭାଗ୍ୟଜ୍ୟୋତି ଯୋଜନାରେ ବହୁ ହିତାଧିକାରୀ ବିଦ୍ୟୁତ୍ ସଂଯୋଗ ଏବଂ ଏଲ୍‌ଇଡି ବଲ୍ ପାଇ ନ ଥିବା ସରପଞ୍ଚ କୀର୍ତ୍ତନ ରାଉତ ଓ ସମିତିସଭ୍ୟ ସଂଗ୍ରାମ ଦାସ ଅଭିଯୋଗ କରିଥିଲେ। ରାଣୀପୁର ପ୍ରାଥମିକ ସ୍କୁଲ ପରିସରରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ଥିଲେ ମଧ୍ୟ ଏହାକୁ ସ୍ଥାନାନ୍ତର କରାଯାଉ ନ ଥିବା ନେଇ ସରପଞ୍ଚ ଅଳିଳପ୍ରଭା ରାଉଳ କହିଥିଲେ। ବିଦ୍ୟୁତ ବିଭାଗ ଏସ୍‌ଡିଓ ଜିତେନ୍ଦ୍ର ବେହେରା ବିଦ୍ୟୁତ ସଂଯୋଗ ନ ହେବା ପାଇଁ ଠିକାଦାରଙ୍କୁ ଦାୟୀ କରିବା ସହ ବ୍ଲକରୁ ତାଲିକା ନେଇ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏଥିସହ ଟ୍ରାନ୍ସଫର୍ମର ସ୍ଥାନାନ୍ତର ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ କହିଥିଲେ। ଏହାଛଡ଼ା ଗୁଆମାଳ, କାଁପଡା ପ୍ରମୁଖ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ଅନିୟମିତତା, ବାମନବିନ୍ଧା ପଞ୍ଚାୟତର କାନପୁର କେନ୍ଦ୍ରରେ ବର୍ଷେ ହେଲା କର୍ମୀ ନିଯୁକ୍ତି ହୋଇପାରୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ସିଡିପିଓ ଇନ୍ଦୁରେଖା ନାୟକ ସରକାରଙ୍କ ନିୟମାନୁଯାୟୀ କେନ୍ଦ୍ରର ସହାୟିକାଙ୍କୁ କର୍ମୀ ଭାବେ ନିଯୁକ୍ତି ଦିଆଯାଇଛି ବୋଲି ଜଣାଇଥିଲେ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କାନପୁର କେନ୍ଦ୍ରରେ କର୍ମୀ ନିଯୁକ୍ତି ନେଇ ଉପଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଗୋପବନ୍ଧୁ ଗ୍ରାମୀଣ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଦି ପ୍ରମୁଖ ଯୋଜନା ଉପରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଉପାଧ୍ୟକ୍ଷ ମାନସ ପାଠୀ, ସରପଞ୍ଚ ପ୍ରଦୀପ ପଣ୍ଡା, ଝରଣା ଜେନା, ସ୍ୱର୍ଣ୍ଣମୟୀ ଜେନା, ଉଷାକାନ୍ତ ନାୟକ, ସମିତିସଭ୍ୟ ବୁଦ୍ଧିରାମ ସେଠୀ ପ୍ରମୁଖ ଆଲୋଚନା କରିଥିଲେ। ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ମହାପାତ୍ର, ପଞ୍ଚାୟତ ଅଧିକାରୀ ତରଣୀସେନ ବାରିକ, ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ଜଳ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରା ଓ ମାନସୀ ମହାପାତ୍ର, ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ଦାସ ଓ ବାମନବିନ୍ଧା ସରପଞ୍ଚ ଅମର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଯାଉଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉନାହିଁ କଟକଣା ସତ୍ତ୍ୱେ ଗଳିକନ୍ଦିରେ ଚାଲୁଛି ଭାରିଯାନ

କେନ୍ଦୁଝର, ୧୪।୮(ସ୍ୱ.ପ୍ର.)

କେନ୍ଦୁଝର ସହରରେ ଗଳିକନ୍ଦି ରାସ୍ତାରେ ଭାରୀଯାନ ଚଳାଚଳ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। କଟକଣା ଅଭାବରୁ ଏଭଳି ସମସ୍ୟା ଉପୁଜିଥିଲେ ହେଁ ଏଥି ପ୍ରତି ପଦକ୍ଷେପ ନିଆଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅଜନ୍ତା ଗଳି, ରାମରାମ ଗଳି, ଦୁର୍ଗାମନ୍ଦିର ଗଳି ଆଦିରେ ଦିନରେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଜାମ ହେବା ସହ ରାସ୍ତା ଓ ଡ୍ରେନ ଭାଙ୍ଗି ସରକାରଙ୍କ ବ୍ୟାପକ କ୍ଷୟକ୍ଷତି ଘଟୁଛି। ଏହି ଅଞ୍ଚଳରେ ବ୍ୟବସାୟିକ ସଂସ୍ଥା ସହିତ ଗୋଦାମ ଘର ରହିଥିବାରୁ ବଡ ବଡ ୧୦ ଚକିଆ ଟ୍ରକ ଯାତାୟାତ କରୁଛି। ଏନେଇ ପୂର୍ବତନ ଜିଲାପାଳ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରିବା ସହ ପ୍ରବେଶ ପଥରେ ଲୁହା ଗେଟ ଲଗାଇବା ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଅର୍ଥ ଖର୍ଚ୍ଚ କରାଯାଇ ଲୁହା ଖୁଣ୍ଟ ଲଗାଯାଇଥିଲା। ତେବେ କେତେକ ବ୍ୟବସାୟୀ ଗୋଦାମ ଘର ସହର ବାହାରକୁ ଉଠାଇନେବେ ବୋଲି କହି ସମୟ ମାଗିବାରୁ ଅଧାପନ୍ତରା ହୋଇ ରହିଲା। ପରବର୍ତ୍ତୀ ସମୟରେ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ବେଧଡକ ଗଳି ରାସ୍ତାରେ ଟ୍ରକ ଚଳାଚଳ କରୁଥିବାରୁ ସ୍ଥାନୀୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟବସାୟୀଙ୍କ ଚାପରେ ସ୍ଥାନୀୟ କାଉନସିଲର ଠାରୁ ପୋଲିସ ତଥା ଜିଲାପ୍ରଶାସନ ଏହି ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ଚୁପ ବସିରହୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ଗତ ଆମ ପୋଲିସ ସମିତି ବୈଠକରେ ଗଳି ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ କାହିଁକି ପାଳନ ହୋଇପାରୁନାହିଁ ସେ ନେଇ ଆଲୋଚନା କରାଯିବ ବୋଲି ସମିତି ସଦସ୍ୟ ରଞ୍ଜନ କୁମାର ତ୍ରିପାଠୀ କହିଛନ୍ତି।

## ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ଶିବିର

କେନ୍ଦୁଝର ୧୪।୮ (ସ୍ୱ.ପ୍ର./ଡି.ଏନ.ଏ.)

ସ୍ଥାନୀୟ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥା ପକ୍ଷରୁ ଚାଲିଥିବା ୩୦ ଦିନିଆ ମହିଳା ସିଲେଇ ଶିକ୍ଷା ତାଲିମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଗୁପ୍ତେରାମ ନାୟକ, ଅଗ୍ରଣୀ ଜିଲା ପ୍ରବନ୍ଧକ ମନୋଜ କୁମାର ଶାସନୀ ଅତିଥି ଭାବରେ ଯୋଗଦେଇ ତାଲିମ ନେଇ ଥିବା ମହିଳା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ବିଷୟରେ ଗୁପ୍ତେରାମ ନାୟକ ଉପସ୍ଥାପନ କରିଥିଲେ। ଇଚ୍ଛୁକ ମହିଳା ମାନେ ଋଣ ପାଇଁ ସେମାନଙ୍କ ଗ୍ରାମ ନିକଟସ୍ଥ ବ୍ୟାଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆବେଦନର ୫ ଦିନ ମଧ୍ୟରେ କିପରି ଋଣ ମିଳିପାରିବ ସେ ନେଇ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷଣ ସଂସ୍ଥା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିକାଶ ରଞ୍ଜନ ମହାନ୍ତ ଓ ସଙ୍ଗୀତା ମହାନ୍ତି ପରିଚାଳନା କରିଥିଲେ। ସଂସ୍ଥାର ନିର୍ଦ୍ଦେଶକ ହରିଶଙ୍କର ନାଏକ ଶେଷରେ ଉଦବୋଧନଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ନେଇଥିବା ପ୍ରଶିକ୍ଷଣ ଜରିଆରେ ସଫଳ ଉଦ୍ୟୋଗୀ ହେବା ପାଇଁ କାମନା କରିଥିଲେ।




କେଜେଆର ତାଲିମ ଶିବିରରେ ଯୋଗଦେଇଥିବା ମହିଳା ଓ ଅନ୍ୟ ବ୍ୟାଙ୍କ ଅଧିକାରୀ।

■ବାଲେଶ୍ୱର ସଦର ପଞ୍ଚାୟତ ସମିତି ବୈଠକ

## ‘ପ୍ରକୃତ ହିତାଧିକାରୀଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚାଅ’

ବାଲେଶ୍ୱର ଅଫିସ,୧୪।୮

ବାଲେଶ୍ୱର ସଦର ବ୍ଲକର ପଞ୍ଚମ ପଞ୍ଚାୟତ ସମିତି ବୈଠକ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ନାରାୟଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ମଦନ ମୋହନ ଦତ୍ତ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର୍ଷଣ ବେହେରା, ପଞ୍ଚାୟତ ସମିତି ସଦସ୍ୟ, ସରପଞ୍ଚ, ୱାର୍ଡ଼ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶୃଙ୍ଖଳିତ ଭାବେ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସମସ୍ତ ପଞ୍ଚାୟତ ସମିତି ସଦସ୍ୟ ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ମେମ୍ବରଙ୍କ ସହଯୋଗ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ଷୁଦ୍ର ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପ୍ରାଣୀଧନ ବିଭାଗ, କୃଷି, ସ୍ୱଚ୍ଛ ଭାରତ ମିଶନ, ସାଧାରଣ ବଣ୍ଟନ, ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଓ ସମନ୍ୱୟ ଶିଶୁ ବିକାଶ ଯୋଜନା ଉପରେ ସବିଶେଷ ଆଲୋଚନା ହୋଇଥିଲା।

ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୨୦୧୭-୧୮ ମସିହାରୁ ଜିଲାକୁ ଆସୁଥିବା ୨୫କୋଟି ୯୨ଲକ୍ଷ ୭୭୭ହଜାର ଟଙ୍କା ଅଦ୍ୟାବଧି ଜିଲାପ୍ରଶାସନ ପାଖରେ ପଡି ରହିଛି। ସାଧାରଣ ନିର୍ବାଚନ କାରଣରୁ ବିଭିନ୍ନ ଯୋଜନାରେ ଆସିଥିବା ଏହି ଅର୍ଥକୁ ଅଦ୍ୟାବଧି ଖର୍ଚ୍ଚ କରାଯାଇ ପାରିନାହିଁ। ଏଣୁ ଏସବୁ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହୋଇଥିବା ଦୁର୍ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକୃତ ହିତାଧିକାରୀ ବଦଳରେ ସରକାରୀ କର୍ମଚାରୀ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ଭଳି ବେଆଇନ୍ କାର୍ଯ୍ୟର ତଦନ୍ତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ସେ ନିର୍ଦ୍ଦେଶ ଦେଇଥିଲେ।



ପଞ୍ଚାୟତ ସମିତି ବୈଠକରେ କେନ୍ଦ୍ରମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି

## ମଧ୍ୟାହ୍ନଭୋଜନ ଚାଉଳ ହେରଫେର, ପ୍ରଧାନଶିକ୍ଷକ ନିଲମ୍ବିତ

କପ୍ତିପଦା,୧୪।୮(ଡି.ଏନ.ଏ)

ମଧ୍ୟାହ୍ନଭୋଜନ ଚାଉଳରେ ହେରଫେର ଅଭିଯୋଗରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ବଡଗୁଡୁଗୁଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଲକ୍ଷ୍ମଣ ବିନ୍ଧାଣିଙ୍କୁ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଶଶିଧର ସିଂ ନିଲମ୍ବିତ କରିଛନ୍ତି। ଏହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ହେରଫେର ହେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଗତ ଏପ୍ରିଲ ୪ ତାରିଖରେ ଗ୍ରାମବାସୀ ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲା ଶିକ୍ଷାଧିକାରୀ ଏହାର ତଦନ୍ତ ପାଇଁ କପ୍ତିପଦା ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ବିଆରସିସି ଜଗନମୋହନ ବେହେରା ଓ ମୁଖ୍ୟ କିରାଣୀ ଅଲେଖ ମହାପାତ୍ର ଉକ୍ତ ବିଦ୍ୟାଳୟକୁ ତଦନ୍ତ ପାଇଁ ଯାଇଥିଲେ। ବିଦ୍ୟାଳୟରେ ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ଗଚ୍ଛିତ ଥିବା ଦେଖିବାକୁ ପାଇଥିଲେ। ଏତେ ପରିମାଣର ଚାଉଳ ଗଚ୍ଛିତ ଥିବାରୁ ମଧ୍ୟାହ୍ନଭୋଜନରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଥିଲା। ବିଦ୍ୟାଳୟରେ କମ୍ ପିଲା ଉପସ୍ଥିତ ରହୁଥିବା ବେଳେ ଅଧିକ ସଂଖ୍ୟକ ପିଲାଙ୍କ ପାଇଁ ରୋଷେଇ ହେଉଥିବା କାଗଜ କଲମରେ ଦର୍ଶା ଯାଉଥିବା ଜଣାପଡିଥିଲା। ମନ୍ଦ ଉଦ୍ଦେଶ୍ୟ ରଖି ଏହି ବଳକା ଚାଉଳକୁ ହଡପ କରାଯିବା ପାଇଁ ପ୍ରୟାସ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ରିପୋର୍ଟରେ ଦର୍ଶାଇଥିଲେ। ଏହି ରିପୋର୍ଟକୁ ଭିତ୍ତିକରି ବିଇଓ ସିଂ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବିନ୍ଧାଣିଙ୍କୁ ଚିଠି ନଂ. ୧୮୦୧/୧୩।୮।୧୯ରେ ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ ତାଙ୍କୁ କୁକୁରଡିମା ନୋଡାଲ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି।

## ବେତନଟୀ ପଞ୍ଚାୟତ ସମିତିର ବୈଠକ

**ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ**

ବେତନଟୀ,୧୪।୮(ଡି.ଏନ୍.ଏ.)–

କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବଡସାହି ବିଧାୟକ ସନାତନ ବିଜୁଳିଙ୍କ ଉପସ୍ଥିତିରେ ବୁଧବାର ବେତନଟୀ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ କାଳିଚରଣ ସୋରେନ୍, ଉପାଧ୍ୟକ୍ଷା ଅମ୍ବିକା ବାରିକ୍, ବିଡିଓ ଜଗନ୍ନାଥ ହନୁମାନ, ତହସିଲଦାର ଅନିଶା ଦାସ, ୩୬ନଂ. ଜୋନ ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ୩୫ନଂ ଜୋନର ସସ୍ମିତା ଓଝା ଓ ୩୭ନଂ ଜୋନର ଜିଲା ପରିଷଦ ସଦସ୍ୟ ମଞ୍ଚାସୀନ ଥିଲେ। ବୈଠକରେ ୨୪ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ନିଜ ଅଞ୍ଚଳର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିଥିଲେ। ବୈଠକରେ ବିଭିନ୍ନ ଯୋଜନାରେ କାମ ସରିବା ପରେ ହିତାଧିକାରୀମାନଙ୍କୁ ବିଲ୍ ପ୍ରଦାନରେ ବିଳମ୍ବକୁ ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣି କେନ୍ଦ୍ରମନ୍ତ୍ରୀ ଏହାର ସମାଧାନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ସପ୍ତାହରେ ଜେ.ଇ.ମାନଙ୍କର କେଉଁ ଦିନ ବ୍ଲକରେ ରହି କାମ କରିବେ ଓ କେଉଁ ଦିନ ନିଜ ପଞ୍ଚାୟତ କିମ୍ବା ଗାଁକୁ ଯିବାର କାର୍ଯ୍ୟକ୍ରମ ରହିଛି ତାହା ନୋଟିସ୍ ବୋର୍ଡରେ ଜନତାଙ୍କୁ ସୂଚନା ଦେବା ପାଇଁ କହିଥିଲେ। କେଉଁ ଅଧିକାରୀଙ୍କ ପାଖରେ ଗୋଟିଏ ଫାଇଲ୍ କେତେ ଦିନ ରହି ପାରିବ ତାହା ମଧ୍ୟ ନିଷ୍ପତ୍ତି ନେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେତନଟୀ ବ୍ଲକର ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ ହେଉଥିଲେ ମଧ୍ୟ କାର୍ଯ୍ୟାଦେଶ ନେଉଥିବା ହିତାଧିକାରୀମାନଙ୍କୁ ବ୍ଲକ ପ୍ରଶାସନ ସହଯୋଗ କରୁନାହିଁ ବୋଲି ଅଭିଯୋଗ ଉଠିଥିଲା। ନଡପୁର ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାରେ ନୂତନ ହିତାଧିକାରୀ ଚୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଏହି ବ୍ଲକର ଅଧିକାଂଶ ବିଦ୍ୟାଳୟରେ ପିଲା ସଂଖ୍ୟା ଓ ଶ୍ରେଣୀ ଅନୁପାତରେ ଶିକ୍ଷକ ଅଭାବ ବିଷୟରେ ଆଲୋଚନା ହୋଇଥିଲା। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ପିଛାବଣିଆ, ନଡପୁର, ଯୁଗଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଥିବା ବେଳେ ଡାକ୍ତର ଅଭାବରୁ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଥିବା ଅଭିଯୋଗ ହୋଇଥିଲା।

# ବେଆଇନ ଖଣି ଖାଦାନରେ ୧୪୪ ଧାରା ଜାରି

ବଡ଼ସାହି,୧୪।୮(ସ୍ୱ.ପ୍ର)–

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ଯଦୁନାଥପୁର ଓ ଚନ୍ଦନଚଉରୀ ଅଞ୍ଚଳରେ ବେଆଇନ ପଥର ଉତ୍ତୋଳନ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେଆଇନ ଉତ୍ତୋଳନ ଚାଲିଥିବା ୨୪ଟି ଖାଦାନରେ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏହି ନିୟମ ୬୦ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆବଶ୍ୟକ ପଡିଲେ ତାହା ବୃଦ୍ଧି କରାଯିବ ବୋଲି ଜଣାଯାଇଛି।

ଶିମିଳିପାଳ ଜୈବ ମଣ୍ଡଳକୁ ଲାଗି ରହିଥିବା ମୟୂରଭଞ୍ଜ ଜିଲାର ବଡ଼ସାହି ତହସିଲ ଓ ଡୁକୁରା ରେଞ୍ଜ ଅଧୀନରେ ଥିବା ଯଦୁନାଥପୁର, ପୂର୍ଣ୍ଣଚନ୍ଦ୍ରପୁର, ଟଙ୍ଗାଶୋଳ ଓ ଗୁଡିଆଲବନ୍ଧ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବେଆଇନ ଭାବେ ପଥର ବ୍ଲାଷ୍ଟିଙ୍ଗ କରାଯାଇ କଳା ମୁଗୁନି ପଥର ଚାଲାଣ ହେଉଛି। ଏପରିକି କୋର ଏରିଆ ଓ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଭାଲୁପାଣି ଓ ଚଟାଣସାହିରେ ଡିନାମାଇଟ ମାଧ୍ୟମରେ ପ୍ରତିଦିନ ବ୍ଲାଷ୍ଟିଙ୍ଗ କରାଯାଇ ପଥର ଚାଲାଣ ହେଉଛି। ସେହିପରି ଦଲକିଶୋଳ, ଯଦୁନାଥପୁର, ବେଲଡୁଙ୍ଗୁରି, ଖଡିଆସାହି, ହାତୀକୋଟ ଆଦି ବିଭିନ୍ନ ସ୍ଥାନରେ ଥିବା ପାହାଡରୁ ପଥର ମାଫିଆମାନେ ବେଧଡକ ଭାବେ ବ୍ଲାଷ୍ଟିଙ୍ଗ କରି କୋଟି କୋଟି ଟଙ୍କାର ରାଜସ୍ୱ ହଡପ କରୁଛନ୍ତି। ଦିନରାତି ଚୋରା ଚାଲାଣ ହେଉଥିବା ବେଳେ ବନବିଭାଗ, ରାଜସ୍ୱ, ପୋଲିସ ଓ ଲଘୁ ଖଣିଜଦ୍ରବ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ତଦନ୍ତ କରାଯାଇ ବେଆଇନ ଉତ୍ତୋଳନ କରୁଥିବା ସ୍ଥାନ ଗୁଡିକରେ ଏହି ନିୟମ ଲାଗୁ କରାଯାଇଛି। ଚନ୍ଦନଚଉରୀ ମୌଜାର ଖାତା ନଂ. ୪୦, ୩୭ ଓ ୩୮ନଂ.ର ୧୪ଟି ପ୍ଲଟ ଏବଂ ଯଦୁନାଥପୁର ମୌଜାର ଖାତା ନଂ. ୫୫୧ ଓ ୫୫୩ର ୧୦ଟି ପ୍ଲଟରେ ଥିବା ଖାଦାନକୁ ପ୍ରଶାସନ ବନ୍ଦ କରିବା ସହ ୧୪୪ ଧାରା ଜାରି କରିଛନ୍ତି। ଶିମିଳିପାଳ ସଂରକ୍ଷିତ ଜୈବ ମଣ୍ଡଳ ଓ ଆଖପାଖ ୧୦କିମି ବ୍ୟାସାର୍ଦ୍ଧ ଜୈବମଣ୍ଡଳ ଅଞ୍ଚଳରେ ବେଆଇନ ପଥର ଖାଦାନ ଚାଲୁଥିବା ବେଳେ କେତେକ କ୍ରସର ରହିଛି। ଉକ୍ତ କ୍ରସରକୁ ରାତିରେ ଶହ ଶହ ଟ୍ରିପ୍ ପଥର ଚାଲାଣ କରାଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପଥର ବ୍ଲାଷ୍ଟିଂ କରିବା ଦ୍ୱାରା ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା, ନିକଟସ୍ଥ ଗ୍ରାମମାନଙ୍କରେ ରହୁଥିବା ଲୋକ ଓ ଜଙ୍ଗଲରେ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଦିନରାତି କ୍ରସର ଗୁଡିକରେ ପଥରକୁ ଗୁଣ୍ଡ କରି ଚିପ୍ସ, ବଜରୀ, ସାଇଜ ମେଟାଲ ଓ ପଥର ଚାଲାଣ କରୁଛନ୍ତି। ଶିମିଳିପାଳ ସଂରକ୍ଷିତ କୋର୍ ଅଞ୍ଚଳରୁ ପଥର ମାଫିଆମାନେ ବେଆଇନ ଭାବେ ବ୍ଲାଷ୍ଟିଂ କରି ଚୋରାରେ ମେଟାଲ ଓ ମୂଲ୍ୟବାନ କଳା ମୁଗୁନିପଥର ଲୁଟ କରୁଥିବାରୁ ବନାଞ୍ଚଳ ସଙ୍କୁଚିତ ହେଉଛି। ଫଳରେ ବନ୍ୟଜନ୍ତୁ ସହର ମୁହାଁ ହେଉଛନ୍ତି। ଜାତୀୟ ଉଦ୍ୟାନ ଶିମିଳିପାଳରେ ନିର୍ଭୟରେ ରହୁଥିବା ଜୀବଜନ୍ତୁ ଲୋପ ପାଇବା ସମ୍ପ୍ରତି ଚିନ୍ତାଜନକ ହୋଇପଡିଛି। ଅଭୟାରଣ୍ୟ ପାଇଁ ବିପଦ ସାଜିଥିବା ପଥର ଖାଦାନ ଗୁଡିକ ବନ୍ଦ କରିବା ପାଇଁ ପରିବେଶବିତ୍ ଡକ୍ଟର ସନତ କୁମାର ଦାଶ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅମୀୟ କୁମାର ରାଉତ କୁହନ୍ତି, ଶିମିଳିପାଳ ନିକଟବର୍ତ୍ତୀ ଅଞ୍ଚଳରେ ଥିବା କ୍ରସରଗୁଡିକ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସମସ୍ତ ବେଆଇନ ଖଣି ଓ କ୍ରସରଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




୧୪୪ଧାରା ଜାରି ବେଳେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

## ସଂକ୍ଷେପରେ



### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ବୃଦ୍ଧ ଗିରଫ

କେନ୍ଦୁଝର, ୧୪।୮ (ସ୍ୱ.ପ୍ର./ ଡି.ଏନ.ଏ.)- ସଦର ଥାନା ଅନ୍ତର୍ଗତ ଅଞ୍ଚଳରେ ଜଣେ ୪ର୍ଥ ଶ୍ରେଣୀ ରେ ପଢୁଥିବା ୯ ବର୍ଷର ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ତାଙ୍କ ନାମ ଚୈତନ୍ୟ ମହାନ୍ତ(୫୫)। ସେ ସମ୍ପର୍କୀୟ ଜେଜେ ବାପା ହେବେ ବୋଲି ଜଣାପଡିଛି । ଘଟଣାଟି ମଙ୍ଗଳବାର ଅପରାହ୍ନରେ ଘଟିଥିଲା। ଛାତ୍ରୀ ଜଣକ ସ୍କୁଲରୁ ଫେରି ଖାଇପିଇ ଖେଳିବାକୁ ଘର ପାଖକୁ ଯାଇଥିଲେ। ଏହି ସମୟରେ ଚୈତନ୍ୟ ତାଙ୍କୁ ଛେଳି ବାନ୍ଧି ଦେବାକୁ ଘରକୁ ଡାକି ସେଠାରେ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏନେଇ ପରିବାର ଲୋକ ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଏତଲା ଦେବା ପରେ ବୁଧବାର ପୋଲିସ ଅଭିଯୁକ୍ତ ଚୈତନ୍ୟଙ୍କୁ ଗିରଫ କରିଛି। ପରେ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ ପ୍ରକାଶ କରିଛନ୍ତି।

### ବିଲକୁ ଓଲଟିଲା ସ୍କର୍ପିଓ

କେନ୍ଦୁଝର,୧୪।୮(ସ୍ୱ.ପ୍ର.)- କେନ୍ଦୁଝର ଡିଡି କଲେଜ ରୋଡ଼ ଦେଇ କେମ୍ପସଢା ଗ୍ରାମ୍ୟ ରାସ୍ତାରେ ଅପରାହ୍ନ ୪ଟାରେ ଏକ (ଓଡିଜିର-୯-ଇ-୦୦୦୨) ଧଳା ରଙ୍ଗର ସ୍କର୍ପିଓ ଭାରସାମ୍ୟ ହରାଇ ଚାଷ ଜମି ଭିତରେ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ତଥା ଗାଡ଼ିରେ ବସିଥିବା ଅନ୍ୟ ଲୋକମାନେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗାଡ଼ି ଡ୍ରାଇଭର ତାର ସନ୍ତୁଳନ ହରାଇ ବିଲ ଭିତରକୁ ଓଲଟେଇ ଦେଇଥିଲେ। ବିଲ ଭିତରେ ଗାଡ଼ିଟି ପଡ଼ିବାଦେଖି ଲୋକମାନେ ଠେଙ୍ଗାଭାର ସାହାଯ୍ୟରେ ଢେରଦେଇ ବିଲରୁ ବାହାର କରିବାକୁ ଉଦ୍ୟମ କରିଥିଲେ ।

### ଲିଜ୍ ପୋଖରୀରୁ ମାଛ ଚୋରି ଅଭିଯୋଗ

ହାଟଡ଼ିହୀ, ୧୪।୮ (ଡି.ଏନ.ଏ.) -କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରେଇଗାଁ ପଞ୍ଚାୟତରେ ଏକ ଲିଜ ପୋଖରୀରୁ ମାଛ ଚୋରି ହୋଇଥିବା ନେଇ ଲିଜ ଧାରୀ ପ୍ରେମାନନ୍ଦ ଗିରି ଥାନାରେ ଅଭିଯୋଗ କରିଛନ୍ତି । ସେ ଗ୍ରାମରେ ନ ଥିବା ବେଳେ ଚତୁରତା ସହ କେତେକ ବ୍ୟକ୍ତି ମାଛ ଚୋରି କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ନନ୍ଦିପଦା ପୋଲିସ ୨ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଆଇଆଇସି ମାନସ ସ୍ୱାଇଁ କହିଛନ୍ତି ।

### ଏଟିଏମ୍ ଟଙ୍କା ଗାଡି ପଛକୁ ଧକ୍କା ଦେଲା ବାଇକ୍ ଆରୋହୀ ମୃତ, ସାଥୀ ଗୁରୁତର

କେନ୍ଦୁଝର ୧୪।୮(ସ୍ୱ.ପ୍ର.)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଟାପିଟି ଛକ ନିକଟସ୍ଥ ଭାଇଭାଇ ଢାବା ନିକଟରେ ଭାରସାମ୍ୟ ହରାଇ ଏଟିଏମ ଟଙ୍କା ଗାଡି ପଛରେ ବାଇକ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ନେଲେ ଅନ୍ୟଜଣେ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ପିଠାଗୋଳା ଗ୍ରାମର ଶିପୁନୁ ନାଏକ(୨୭) ଓ ଗୁରୁତର ଆହତ ଉକ୍ତ ଗ୍ରାମର ରମେଶ ନାଏକ(୨୮) ବୋଲି ଜଣାପଡ଼ିଛି। ବୁଧବାର ସନ୍ଧ୍ୟା ୬ଟାରେ ଏକ ଏଟିଏମ ଟଙ୍କା ଗାଡି ହରିଚନ୍ଦନପୁର ଠାରେ ଥିବା ଏଟିଏମରେ ଟଙ୍କା ଲୋଡ କରି ଫେରୁଥିବା ବେଳେ ଭାଇଭାଇ ଢାବା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ପଛପଟେ ଧକ୍କା ଦେଇଥିଲା। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ଆରମ୍ଭ ପୂର୍ବରୁ ଡାକ୍ତର ଶିପୁନୁଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ନିଜ ଅକ୍ତିଆରକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

■ ଅନ୍ତର୍ଜାତୀୟ ଫୁଟବଲ ରେଫରି କୃଷ୍ଣଚନ୍ଦ୍ରଙ୍କ ହୃଦୟ କଥା

# ପ୍ରତିଭା ଅଛି, ସୁଯୋଗ ମିଳୁନି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୪।୮

ଗତ ୩ରୁ ୬ ତାରିଖ ଯାଏ ଚେନ୍ନାଇରେ ଅନୁଷ୍ଠିତ ଆନ୍ତର୍ଜାତିକ ଫୁଟବଲ ଚାମ୍ପିୟାନଶିପ୍ ସ୍ପେଶାଲ ଅଲିମ୍ପିକରେ କେନ୍ଦୁଝର ଜିଲାର ୨ ଜଣ କ୍ରୀଡାବିତ୍‌ଙ୍କୁ ରେଫରୀ ଭାବେ ଚୟନ କରାଯାଇଥିଲା । ସେମାନେ ହେଲେ ସଦର ବ୍ଲକ ରାଇକଳା ଗ୍ରାମର କୃଷ୍ଣ ଚନ୍ଦ୍ର ମହାନ୍ତ (୩୫) ଓ ମଧୁପୁର ଗ୍ରାମର ଦୀପକ ମହାନ୍ତ। ମୁଖ୍ୟ ରେଫରି ଭାବେ କୃଷ୍ଣଚନ୍ଦ୍ର ଖେଳ ପରିଚାଳନା କରିବାର ଗୌରବ ଅର୍ଜନ କରିଥିଲେ। ଏହି ଟୁର୍ନାମେଣ୍ଟ ପାଇଁ ସମୁଦାୟ ୬ ଜଣ ରେଫରୀଙ୍କୁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ କେନ୍ଦୁଝର ଜିଲା (ଓଡିଶା)ରୁ ସୁଯୋଗ ପାଇଥିଲେ। କୃଷ୍ଣଚନ୍ଦ୍ରଙ୍କ କହିବା ଅନୁଯାୟୀ, ଉକ୍ତ ଟୁର୍ନାମେଣ୍ଟରେ ଭାରତ, ବାଙ୍ଗଲାଦେଶ, ମ୍ୟାଲେସିଆ, କୋରିଆ, ଇଜିପ୍ଟ, ଫିଲିପାଇନ୍ସ ସମେତ ୧୫ଟି ଦେଶ ଭାଗ ନେଇଥିଲେ। ମାଲେସିଆ ଚାମ୍ପିୟନ, କୋରିଆ ରନର୍ସ ଅପ୍ ହୋଇଥିଲା । ଭାରତ ତୃତୀୟ ଅଧିକାର କରିଥିଲା । ସମସ୍ତ ମ୍ୟାଚର ମୁଖ୍ୟ ରେଫରୀ ଥିଲେ କୃଷ୍ଣଚନ୍ଦ୍ର । ଏପରି କି ଫାଇନାଲ ମ୍ୟାଚ ପରିଚାଳନା କରିବାର ସୁଯୋଗ ତାଙ୍କୁ ମିଳିଥିଲା । ଏହି ସଫଳତା ପରେ



କୃଷ୍ଣଚନ୍ଦ୍ର ବିଶ୍ୱସ୍ତରରେ ହେବାକୁ ଥିବା ସ୍ପେଶାଲ ଅଲିମ୍ପିକ୍ସରେ ଖେଳ ପରିଚାଳନା କରିବା ପାଇଁ ଆଶା ବାନ୍ଧିଛନ୍ତି । କୃଷ୍ଣଚନ୍ଦ୍ର ପୂର୍ବରୁ କୋରିଆ, ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ଭାରତ ଆଦି ଦେଶରେ ଆୟୋଜିତ ମ୍ୟାଚ ପରିଚାଳନା କରିଛନ୍ତି। ୨୦୧୪ରୁ ସେ ସ୍ପେଶାଲ ଅଲିମ୍ପିକ୍ସରେ ଖେଳ ପରିଚାଳନା କରିଆସୁଥିବା କହିଛନ୍ତି।

ପିଲାଦିନରୁ ଫୁଟବଲ ଖେଳ ପ୍ରତି ତାଙ୍କର ଦୁର୍ବଳତା ଥିଲା। ଭବାନୀପାଟଣାସ୍ଥିତ କଳାହାଣ୍ଡି ସ୍ପୋର୍ଟସ ହଷ୍ଟେଲରୁ କଟକ ସାଇ ହଷ୍ଟେଲରେ ତାଙ୍କର ଛାତ୍ର ଜୀବନ କଟିଥିଲା। ବିଏ ପରେ ସେ ଫୁଟବଲ ଖେଳକୁ ଗୁରୁତ୍ୱ ଦେଇଥିଲେ । ଓଡ଼ିଶାର ବଡ ବଡ କ୍ଲବ ଯଥା କଟକ ଜୋବ୍ରା ଦୁର୍ଗା, ରାଇଜିଙ୍ଗ ଷ୍ଟାର ଆଦିରୁ ଖେଳିବାର ତାଙ୍କୁ ସୁଯୋଗ ମିଳିଥିଲା । ୨୦୦୨ରେ ସେ ଓଡ଼ିଶା ଫୁଟବଲ ଟିମର କ୍ୟାପଟେନ ଥିଲେ। ସେଥିପାଇଁ କଟକରେ ତାଙ୍କର ବହୁ ପ୍ରଶଂସକ ଅଛନ୍ତି। ଶ୍ରଦ୍ଧାରେ ଲୋକେ ତାଙ୍କୁ ଦାଦା ବୋଲି ଡାକନ୍ତି। ଏପରି ସେ ଜାତୀୟ ଦଳ ପାଇଁ ଖେଳିବାର ସୁଯୋଗ ପାଇଥିଲେ । କିନ୍ତୁ କୌଣସି ପ୍ରୋତ୍ସାହନ ବା ଚାକିରି ନ ମିଳିବାରୁ ବାଧ ହୋଇ ଖେଳ ଛାଡି ଘରକୁ ଫେରିଥିଲେ । ୨୦୧୨ରେ ରେଫରୀ ହେବା ପାଇଁ ସେ ମନୋନୀତ ହୋଇଥିଲେ । ୨୦୧୩ ରେ ରାଜ୍ୟର ଏକମାତ୍ର ଖେଳାଳୀ ଭାବେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟସ (ଏନଆଇଏସ) ରେ ତାଲିମ ଗ୍ରହଣ କରିଥିଲେ । ଓଡ଼ିଶା ଫୁଟବଲରେ ବହୁ ଟ୍ୟାଲେଣ୍ଟ ଅଛନ୍ତି, କିନ୍ତୁ ସେମାନଙ୍କୁ ସୁଯୋଗ ମିଳୁନାହିଁ । ସେଥିପାଇଁ ବହୁ ଖେଳାଳୀ ଫୁଟବଲରୁ ମୁହଁ ଫେରାଉଛନ୍ତି ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି । ଥରେ କନ୍‌ଷ୍ଟେବଲ ଚାକିରିଟିଏ ପାଇଁ ସେ ତତ୍କାଳୀନ ଡିଜିଙ୍କ ସାକ୍ଷାତ କରିଥିଲେ । ନିଜର ସମସ୍ୟା ଓ ଖେଳ ସାର୍ଟିଫିକେଟ୍ ଦେଖାଇ ଚାକିରି ପାଇଁ ଅନୁରୋଧ କରିଥିଲେ । ତଥାପି ତାଙ୍କୁ ଚାକିରୀଟିଏ ମିଳି ନ ଥିଲା । ସରକାରୀ, ବେସରକାରୀ ସ୍ତରରେ ସହାୟତା ମିଳିଲେ ରାଜ୍ୟ ଖେଳାଳୀମାନେ ଅଧିକ ଉତ୍ସାହିତ ହେବେ ବୋଲି ସେ କହିଛନ୍ତି। ସ୍ତ୍ରୀ ଏବଂ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର । ପୁଅ ଏବେ ଝୁମ୍ପୁରା ସରସ୍ୱତୀ ବିଦ୍ୟା ମନ୍ଦିରରେ ପ୍ରଥମ ଶ୍ରେଣୀରେ ପାଠ ପଢୁଛି। ସେ ବଡ ହେଲେ ଜଣେ ଭଲ ଖେଳାଳି ହେବ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି। ଖେଳ ନ ଥିଲେ ଗାଁରେ ଚାଷ କରୁଛି ବୋଲି ସେ କହିଛନ୍ତି।

# ପିକ୍ ଅପ୍ ଧକ୍କାରେ ୨ ମୃତ

ଆନନ୍ଦପୁର, ୧୪।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ସୁଆଁପଦା ଛକ ଠାରେ ମଙ୍ଗଳବାର ମଧ୍ୟାହ୍ନରେ ହୋଇଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ନପଙ୍ଗା ଗ୍ରାମର ଜୟଦେବ ଦଳେଇଙ୍କର କଟକ ବଡ ମେଡିକାଲକୁ ନେବା ବାଟରେ ମୃତ୍ୟୁ ହୋଇଥିଲା । ଅନ୍ୟ ଦୁଇ ଗୁରୁତର ବିଭୁ ଦଳେଇ ଏବଂ କାଳିଆ ଦଳେଇଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ମଙ୍ଗଳବାର ରାତି ଚିକିତ୍ସା ଅବସ୍ଥାରେ କାଳିଆ ଦଳେଇଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।

ସୂଚନାଯୋଗ୍ୟ ସାଇଁକୁଳ ମେଡିକାଲରୁ କାମ ସାରି ଏକ ବାଇକ୍ ଯୋଗେ ନପଙ୍ଗା ଗ୍ରାମର ଜୟଦେବ ଦଳେଇ, ବିଭୁ ଦଳେଇ, କାଳିଆ ଦଳେଇ ଫେରୁଥିବାବେଳେ ସୁଆଁପଦା ଛକ ଠାରେ ଏକ ପିକ୍ ଅପ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଏକ ଆମ୍ବୁଲାନ୍ସ ସହାୟତାରେ ସେମାନଙ୍କୁ ପ୍ରଥମେଇ ସାଇଁକୁଳ ପରେ ଆନନ୍ଦପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତିନି ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

# ଲଗାଣ ବର୍ଷାରେ ବିଚ୍ଛିନ୍ନ ହେଲା ତେଲକୋଇ ହରିଚନ୍ଦନପୁର



ତାଳପଦା ଠାରେ ରାସ୍ତା ବିଚ୍ଛିନ୍ନ।

ତେଲକୋଇ, ୧୪।୮(ଡି.ଏନ.ଏ.)

ତେଲକୋଇ ବ୍ଲକ ମୁଖ୍ୟାଳୟ ଠାରୁ ତାଳପଦା ଦେଇ ହରିଚନ୍ଦନପୁର ରାସ୍ତା ରହିଛି । ଏହି ୧୯କି.ମି. ରାସ୍ତା ପ୍ରଧାମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ଏଥିପାଇଁ ୧୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ ରହିଥିଲେ ହେଁ ତେବେ ଏହା ୨୦୧୭ ମସିହାରେ ଉକ୍ତ କାର୍ଯ୍ୟ ଶଷ ହେବା ଯୋଜନା ହୋଇଥିଲେ ହେଁ ଅଦ୍ୟାବଧି ଉକ୍ତ କାର୍ଯ୍ୟ ଅଧାରେ ରହିଛି । ବିଭାଗୀୟ ଓ ଠିକାଦାରଙ୍କ ଅବହେଳା ଯୋଗୁ ଉକ୍ତ ରାସ୍ତା ତାଳପଦା ଠାରୁ ବିଚ୍ଛିନ୍ନ ହୋଇପଡିଛି। ଏହି ରାସ୍ତାରେ ହରିଚନ୍ଦନପୁର ଯିବାପାଇଁ ବସ ଯାତାୟାତ କରୁଥିଲା । ହେଲେ ତାଳପଦା ଠାରୁ ରାସ୍ତାର ପୋଲ ଭୁଶୁଡିବା ଯୋଗୁ ଗତ ମଙ୍ଗଳବାରଠାରୁ ଯାତାୟାତ ଠପ ହୋଇପଡିଛି। ଏପରିସ୍ଥଳେ ତାଳପଦା ଗ୍ରାମବାସୀ ତେଲକୋଇ ମୁଖ୍ୟାଳୟକୁ ଆସିବା ପାଇଁ ସମସ୍ୟା ସୃଷ୍ଟି ହୋଇଛି ।

# ୭ନଂ. ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



ଅଳିଆ ଆବର୍ଜନା ପଡିଥିବା ସ୍ଥାନ।

ଯୋଡ଼ା, ୧୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ପୌରପାଳିକାର ୭ନଂ ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ ୱାର୍ଡର ପୋଷ୍ଟ ଓଫିସ ପଛପାର୍ଶ୍ୱରେ ଅଳିଆ ଆବର୍ଜନା ପଡି ପରିବେଶ ପ୍ରଦୂଷିତ ହେଉଛି । ଦୀର୍ଘଦିନ ଧରି ଅଳିଆ ଆବର୍ଜନା ପଡିରହିବାରୁ ସେଥିରୁ ଦୁର୍ଗନ୍ଧ ବାହାରୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପାଳିକାରେ ନିୟୋଜିତ ଥିବା ସଫେଇ ଠିକାଦାରମାନେ ସଫା କରୁନଥିବାରୁ ଏହି ପରିସ୍ଥିତି ଉପୁଜିଛି ବୋଲି ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡା ପୌରପାଳିକା ୭ନଂ ୱାର୍ଡରେ ପୂର୍ବତନ କାଉନସିଲର ଶୈଳେନ୍ଦ୍ର ଜୋରା ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ପରିମଳ ବ୍ୟବସ୍ଥା ନେଇ ସେ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ, ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ । ଏପରିକି ପୌରପାଳିକାର ପରିମଳ ଅଧିକାରୀଙ୍କୁ ଏନେଇ ଫୋନ ଯୋଗେ ଅଭିଯୋଗ କରିଥିଲେ ହେଁ, ଅଧିକାରୀ ଆସିନଥିବା ପୂର୍ବତନ କାଉନସିଲର କହିଛନ୍ତି। ପୌରପାଳିକା ପକ୍ଷରୁ ରଖାଯାଇଥିବା ଡଷ୍ଟବିନ୍‌ରେ ଅଳିଆ ଆବର୍ଜନା ବହୁତ ଦିନ ଧରି ପଡିରହୁଛି । ଉକ୍ତ ସ୍ଥାନରେ ଛୋଟ ଛୋଟ ପିଲାମାନେ ଖେଳୁଥିବାରୁ ଅନେକ ସମୟରେ ସେମାନଙ୍କୁ ତଥା ୱାର୍ଡବାସୀଙ୍କୁ ଚର୍ମରୋଗ ତଥା ସଂକ୍ରମଣଜନିତ ରୋଗ ଆକ୍ରାନ୍ତ କରୁଛି । ବର୍ଷାଦିନ ହୋଇଥିବାରୁ ଅଳିଆଆବର୍ଜନା ଜମା ରହିବାରୁ ଆଗାମୀ ଦିନରେ ଡେଙ୍ଗୁ ଜ୍ୱରର ଭୟାବହତା ମଧ୍ୟ ରହିଛି । ଏ ସମ୍ପର୍କରେ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ୯୩ ଅଭିଯୋଗର ହେଲା ଶୁଣାଣି

ଝୁମ୍ପୁରା, ୧୪।୮ (ଡି.ଏନ.ଏ.)

କେନ୍ଦୁଝର ଜିଲାପାଳଙ୍କ ମଙ୍ଗଳବାର ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ପୂର୍ବାହ୍ନ ୧୧ଟାରେ ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡିଏଫଓ ସନ୍ତୋଷ ଜୋଶୀ, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସହିତ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ କାର୍ଯ୍ୟାଳୟର ବିଡିଓ ଜୟଶ୍ରୀ ବେଉରା, ତହସିଲଦାର ଜନକ ନାୟକଙ୍କ ସମେତ ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଶ୍ମଶାନଘାଟ ଚିହ୍ନଟ ପାଇଁ, ବଜାର ଜବର ଦଖଲ ସମସ୍ୟା ଆଦି ସମୁଦାୟ ୯୩ଟି ଅଭିଯୋଗ ପତ୍ର ଜିଲାପାଳଙ୍କଠାରେ ପହଞ୍ଚିଥିଲା। ଜିଲାପାଳ ଅଭିଯୋଗ ଗୁଡିକୁ ଗ୍ରହଣ କରିବା ସହିତ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜନ୍ମଦିନରେ ମୃତ୍ୟୁ କୋଳକୁ ଗଲେ ବ୍ୟବସାୟୀ

ବଡବିଲ, ୧୪।୮(ସ୍ୱ.ପ୍ର.)

ଜନ୍ମ ଦିନରେ ମୃତ୍ୟୁମୁଖରେ ପଡିବା ଘଟଣା ବହୁତ କମ୍ ଦେଖିବାକୁ ମିଳିଥାଏ। କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳରେ ୱାର୍ଡ ନଂ-୪ ଉ.ପ୍ରା. ବିଦ୍ୟାଳୟ ନିକଟରେ ରହୁଥିବା ବ୍ୟବସାୟୀ ପଞ୍ଚାନନ ଦଳାଇଙ୍କର ମୃତ୍ୟୁ ଘଟିଛି। ସେ ୧୯୭୧ ମସିହା ଅଗଷ୍ଟ ମାସ ୧୩ ତାରିଖରେ ଜନ୍ମ ଗ୍ରହଣ କରିଥିବାବେଳେ ଗତ ମଙ୍ଗଳବାର ଅପରାହ୍ନରେ ତାଙ୍କର ପରଲୋକ ହୋଇଛି। ପଞ୍ଚାନନ ଗତ କିଛି ମାସ ହେଲା ଯକୃତଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ବଡବିଲସ୍ଥିତ ବାସ ଭବନରେ ତାଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ସକାଳେ କାରୋ ନଦୀକୂଳରେ ତାଙ୍କ ଅନ୍ତ୍ୟେଷ୍ଟି ସମ୍ପନ୍ନ ହୋଇଛି।

# ମାଟିତଳୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା: ଅଭିଯୁକ୍ତ ଗିରଫ

ହାଟଡ଼ିହୀ, ୧୪।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଣା ଗ୍ରାମର ପ୍ରଶାନ୍ତ ମଲିକଙ୍କ ପୁଅ ପ୍ରଦୀପଙ୍କ ଘର ପଛ ପଟ ବାଡ଼ିରେ ମାଟି ତଳୁ ଜଣେ ମହିଳାଙ୍କ ମୃତ ଦେହ ଗତ ଶୁକ୍ରବାର ଉଦ୍ଧାର ହୋଇଥିଲା । ସ୍ଥାନୀୟ ଗ୍ରାମରକ୍ଷୀ ଗୌରାଙ୍ଗ ଜେନାଙ୍କ ଅଭିଯୋଗ କ୍ରମେ ନନ୍ଦିପଦା ପୋଲିସ ଏକ ହତ୍ୟା ମାମଲା (ନଂ.୭୩/୨୦୧୯) ରୁଜୁ କରିଥିଲା। ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପରେ ମୃତଦେହଟି ପ୍ରଦୀପଙ୍କ ପତ୍ନୀ ମଧୁସ୍ମିତାଙ୍କର ବୋଲି ଚିହ୍ନଟ ହୋଇଥିଲା । ଅଭିଯୁକ୍ତ ପ୍ରଦୀପକୁ ଗିରଫ କରିବା ପାଇଁ ଆଇଆଇସି ମାନସ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା । ଗତ ମଙ୍ଗଳବାର ବିଳମ୍ବିତ ରାତିରେ ନନ୍ଦିପଦା ଥାନା ଅଞ୍ଚଳରୁ ଅଭିଯୁକ୍ତ ପ୍ରଦୀପଙ୍କୁ ଗିରଫ କରାଯାଇଛି। ଆନନ୍ଦପୁର ଡିଏସପି ବିଦ୍ୟୁତ ଚନ୍ଦ୍ର ପଣ୍ଡା ନନ୍ଦିପଦା ଥାନାରେ ବୁଧବାର ପହଞ୍ଚି ଅଭିଯୁକ୍ତଙ୍କୁ ପଚରାଉଚରା ଚଳାଇଛନ୍ତି । ଅଭିଯୁକ୍ତ ନିଜ ସ୍ତ୍ରୀଙ୍କୁ ହତ୍ୟା କରଛନ୍ତି ବୋଲି ସ୍ୱୀକାର କରିଥିବା ପୋଲିସ ପ୍ରାଥମିକ ସୂଚନା ଦେଇଛି । ଏପରି ହତ୍ୟାକାଣ୍ଡ ପଛର କଣ ରହସ୍ୟ ରହିଛି ଓ କିପରି ହତ୍ୟା କରାଯାଇଥିଲା ସେ ନେଇ ତଦନ୍ତ ପ୍ରକ୍ରିୟାକୁ ପୋଲିସ ଜୋରଦାର କରିଛି । ଏକ ପ୍ରେସ ମିଟ ଜରିଆରେ ସମସ୍ତ ତଥ୍ୟ ପ୍ରକାଶ କରାଯିବ। ପରକୀୟା ପ୍ରୀତିରୁ ଏପରି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ଅପରପକ୍ଷେ ଏପରି ହତ୍ୟା ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଅଭିଯୋଗରେ ଦର୍ଶାଯାଇଥିଲା ।

# ଚଳିତ ଶିକ୍ଷାବର୍ଷ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ ଫର୍ମ ପ୍ରଦାନ



ଫର୍ମ ନେବାକୁ ଧାଡ଼ିରେ ଅଭିଭାବକ।

ଆନନ୍ଦପୁର,୧୪।୮(ସ୍ୱ.ପ୍ର.)

ଚଳିତ ମାସ ୧୦ ତାରିଖରେ ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟକୁ ମୋହର ଲାଗିଥିବାବେଳେ ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗଷ୍ଟ ୧୪ରୁ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଫର୍ମ ପ୍ରଦାନ ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ୧୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ସେମାନଙ୍କ ପିଲାଙ୍କ ପାଇଁ ଫର୍ମ ସଂଗ୍ରହ କରିଥିଲେ। ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟର ପଦାର୍ପଣକୁ ନେଇ ଅଭିଭାବକଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅହେତୁକ ଖୁସି ପ୍ରକାଶ ପାଇଛି। ଚଳିତ ଶିକ୍ଷାବର୍ଷରେ ଅସ୍ଥାୟୀ ଭାବେ ଆନନ୍ଦପୁର ବ୍ରିଜଛକ ଠାରେ ଥିବା ବ୍ରଜବନ୍ଧୁ ବିଦ୍ୟାପୀଠରେ ଏହା କାର୍ଯ୍ୟକାରୀ ହେବ। ଆସନ୍ତା ସେପ୍ଟେମ୍ବର ୫ ତାରିଖ ଠାରୁ ପାଠପଢା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ବୁଧବାର ଅଭିଭାବକ ଲମ୍ବା ଲାଇନ୍‌ରେ ଛିଡା ହୋଇ ସେମାନଙ୍କ ପିଲାଙ୍କ ପାଇଁ ଫର୍ମ ସଂଗ୍ରହ କରିଥିଲେ।

# ବିଦ୍ୟାଳୟରେ ବୃକ୍ଷରୋପଣ

ଯୋଡ଼ା, ୧୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ବାମେବାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ଓଏମସି ପକ୍ଷରୁ ବୃକ୍ଷରୋପଣ କରାଯାଇଛି । ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଆଚାର୍ଯ୍ୟାଆଚାର୍ଯ୍ୟମାନେ ମିଶି ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଏମସିର ଡିଜିଏମ ବିକ୍ରମ ମୁର୍ମୁ, ସିନିୟର ମ୍ୟାନେଜର ନୂତନ ରାଉତ, ସଂଯୋଜକ ସମୀର ମହାନ୍ତି ଉପସ୍ଥିତ ରହି ପ୍ରତ୍ୟେକ ଛାତ୍ରୀଛାତ୍ର ଅତି କମରେ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ ।



ବୃକ୍ଷରୋପଣ କାର୍ଯ୍ୟକ୍ରମ।

# ଭାଇ ଭଉଣୀଙ୍କ ନିବିଡ଼ ସମ୍ପର୍କର ପର୍ବ ରକ୍ଷାବନ୍ଧନ

ପାଟଣା,୧୪।୮(ସ୍ୱ.ପ୍ର.)

ଭାରତୀୟ ହିନ୍ଦୁ ଭାଇଭଉଣୀଙ୍କର ନିବିଡ଼ ସମ୍ପର୍କ, ଅନାବିଳ ପ୍ରେମ ଓ ନିଆରା ଅନୁଭୂତି ରକ୍ଷା ବହନ କରେ ରାଖୀ ପୂର୍ଣ୍ଣିମା ଅବା ରକ୍ଷାବନ୍ଧନ ପର୍ବ। ଅଲିଅଳୀ ଭଉଣୀଟିଏ ସବୁ ଆସ୍ଥା, ବିଶ୍ୱାସ ଆଉ ସୁରକ୍ଷା ପାଇଁ ଭାଇଟି ଉପରେ ନିର୍ଭର କରେ। ନିଜର ସୁରକ୍ଷା ଆଉ ଭାଇର ମଙ୍ଗଳ ମନାସୀ ହାତରେ ବାନ୍ଧିଦିଏ ସୁରକ୍ଷାର ସୂତ୍ର। ଏହିପର୍ବ ସବୁଭାରତୀୟ ହିନ୍ଦୁ ଭାଇ ଭଉଣୀ ମାନଙ୍କ ପାଇଁ ଏକ ନିଆରା ପର୍ବ ଭାବେ ବିବେଚିତ ହୁଏ। ଏହିପର୍ବ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡିଥାଏ। ଏହି ପର୍ବ ସ୍ନେହ ,ଶ୍ରଦ୍ଧା ଓ ସମର୍ପଣର ପର୍ବ ଭାବେ ବିବେଚିତ ହୋଇ ଆସିଛି। ଚଳିତ ବର୍ଷ ରାଖୀପୂର୍ଣ୍ଣିମା ଆଉ ସ୍ୱାଧୀନତା ଦିବସ ଗୋଟିଏ ଦିନରେ ପଡୁଛି। ପୂର୍ବରୁ ଦୂରରେ ରହୁଥିବା ଭାଇଙ୍କ ପାଖକୁ ରାଖୀ ପଠାଇବା ପାଇଁ ପୋଷ୍ଟାଲ ଓ କୋରିୟର ଉପରେ ହିଁ ନିର୍ଭର କରିବାକୁ ପଡୁଥିଲା। ଆଜିକାଲି ଇଣ୍ଟରନେଟ ଯୁଗରେ ଶୀଘ୍ର ରାଖୀ ପଠାଇବା ପାଇଁ ଭଉଣୀ ମାନେ ଅନଲାଇନ ମାଧ୍ୟମରେ ଇ-କମର୍ସ ୱେବସାଇଟର ବ୍ୟବହାର କରୁଛନ୍ତି। ରାଖୀ ପୂର୍ଣ୍ଣିମା ଆମ ଭାରତୀୟ ସଂସ୍କୃତିର ଏକ ପ୍ରାଚୀନ ତମ ପରମ୍ପରା। ଏହା ଭାଇ ଭଉଣୀର ଅମୀୟ ଅତୁଟ ସମ୍ପର୍କକୁ ଉଜ୍ଜୀବିତ କରିରଖିବା ପାଇଁ ଅଭିପ୍ରେରିତ କରେ ବୋଲି ଭରତ ଚନ୍ଦ୍ର ସାହୁ (ଶିକ୍ଷାବିତ) କହିଛନ୍ତି। ଅନ୍ୟପକ୍ଷେ ପାଶ୍ଚାତ୍ୟ ପ୍ରଭାବରେ ରାଖୀ ସଂସ୍କୃତି ଯେଭଳି ମୌଳିକତା ନ ହରାଇବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଦରକାର ବୋଲି ନାରୀ ନେତ୍ରୀ ଦଶମତ୍ତି ଚାତାର କହିଛନ୍ତି।



ଜଣେ କୁନି ଭଉଣୀ ତା ଭାଇ ହାତରେ ରାଖୀ ବାନ୍ଧିଦେଉଛି।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ଦୁର୍ଗାଦେବୀ ସେବା ସମବାୟ ସଂଘର ଚାଷୀ।

# ଚାଷୀଙ୍କୁ ମିଳୁନି ଫସଲ ବୀମା ଟଙ୍କା

**ବାଲେଶ୍ୱର ଅଫିସ,୧୪।୮**

## ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଚାଷୀ

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦୁର୍ଗାଦେବୀ ସେବା ସମବାୟ ସଂଘର ୪୫୮ ଜଣ ଚାଷୀଙ୍କୁ ମିଳୁନି ଫସଲ ବୀମା ଟଙ୍କା। ସଂଘର ସଭାପତିଙ୍କ ସମେତ ଚାଷୀମାନେ ଏ ନେଇ ଜିଲାପାଳ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ସମିତିର ସମ୍ପାଦକ ଏବଂ ଅନ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବୁଧବାର ପୂର୍ବାହ୍ନରେ ସେମାନେ ପୁନଶ୍ଚ ନୂତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ବୀମା ସହାୟତା ପାଇ ନ ଥିବା ଚାଷୀ ଦର୍ଶାଇଛନ୍ତି ଯେ, ୪୫୮ ଜଣ ଚାଷୀ ଦୁର୍ଗାଦେବୀ ସେବା ସମବାୟ ସଂଘ ମାଧ୍ୟମରେ ବାଲେଶ୍ୱର-ଭଦ୍ରକ କୋ-ଅପରେଟିଭ୍ ବ୍ୟାଙ୍କ ରେମୁଣା ଶାଖାରୁ ଋଣ ନେଣଦେଣ କରି ଆସୁଛନ୍ତି। ଏଥିଲାଗି ସେମାନଙ୍କୁ ବୀମାଭୁକ୍ତ କରାଯାଉଛି। ୨୦୧୮-୧୯ରେ ଉକ୍ତ ଅଞ୍ଚଳରେ ଫସଲ ନଷ୍ଟ ହେବା କାରଣରୁ ବୀମା କମ୍ପାନୀ ବାଲେଶ୍ୱର-ଭଦ୍ରକ କୋ-ଅପରେଟିଭ୍ ବ୍ୟାଙ୍କରେ ଏବାବଦ ଟଙ୍କା ଜମା କରିଛନ୍ତି। ପରେ ଏହି ଅର୍ଥ ରେମୁଣା ଶାଖାକୁ ସ୍ଥାନାନ୍ତର କରାଯାଇଥିବା କୁହାଯାଉଛି। ଏହାସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ବୀମା ରାଶି ଦିଆଯାଉ ନାହିଁ ବୋଲି ଦୁର୍ଗାଦେବୀ ସେବା ସମବାୟ ସଂଘ ସଭାପତି ଶଶୀ ଧର ଦ୍ୱିବେଦୀ କହିଛନ୍ତି। ୨୦୧୬ରେ କୃଷି ବିଭାଗ ଫସଲ ବୀମା ଯୋଜନାର ପ୍ରିନ୍ସିପାଲ ସେକ୍ରେଟାରୀ ମନୋଜ ଆହୁଜାଙ୍କ ନିର୍ଦ୍ଦେଶ ଅନୁସାରେ ଠିକ୍ ଭାବେ ନେଣଦେଣ କରୁଥିବା ଚାଷୀଙ୍କ ବୀମା ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯିବ ବୋଲି କୁହାଯାଇଥିଲା। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ କୈଳାସ ପରିଡ଼ା ବ୍ୟାଙ୍କଗୁଡ଼ିକୁ ସୂଚନା ଦେଇଛନ୍ତି। କିନ୍ତୁ ରେମୁଣା ବ୍ୟାଙ୍କ ଶାଖାରେ ଏହି ନୀତିନିୟମ ପାଳନ କରାଯାଉ ନ ଥିବାରୁ ସରପଞ୍ଚ କବିତା ଦେ, ଚାଷୀ ଉଦୟ କୁମାର ଦେ, ସୁଦର୍ଶନ ବେହେରା, ଚେମା ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ମାଝି, ସତ୍ୟରଞ୍ଜନ ବେହେରା, ବୈକୁଣ୍ଠ ସାହୁ, ଉର୍ମିଳା ଦେହୁରୀ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରବା ଅବସରରେ ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ସମିତିର ସମ୍ପାଦକ ଅଜିତ୍ ପଟ୍ଟନାୟକଙ୍କୁ ପଚାରିବାରୁ କହିଛନ୍ତି, ରେମୁଣା ଶାଖା ବ୍ୟାଙ୍କର ସମସ୍ୟା ସମ୍ପର୍କରେ ସେ ଅବଗତ ଅଛନ୍ତି। ଯଥାଶୀଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଜିଲାପାଳ ଚକ୍ରବର୍ତ୍ତୀ ଅନୁରୂପ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତ। ତେବେ ଚାଷୀମାନଙ୍କ ବୀମା ଟଙ୍କାକୁ ପୁନର୍ବାର ଋଣ ଆକାରରେ ପ୍ରଦାନ କରାଯାଇପାରିବ ନାହିଁ ସେ କହିଛନ୍ତି।

# ଶ୍ରେଣୀଗୃହରେ ଅସୁସ୍ଥ ହୋଇପଡ଼ିଲେ ଛାତ୍ରୀ

**ବନ୍ତ, ୧୪।୮ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ନବମ ଶ୍ରେଣୀଗୃହରେ ହଠାତ୍ ୮ରୁ ୧୦ଜଣ ଛାତ୍ରୀ ଅସୁସ୍ଥତା ଅନୁଭବ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ଅଚେତ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ଥାନୀୟ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହେବା ପରେ ସେମାନେ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଏକାସଙ୍ଗେ ଏତେସଂଖ୍ୟକ ଛାତ୍ରୀ ଶ୍ରେଣୀଗୃହରେ ଅସୁସ୍ଥ ହୋଇପଡ଼ିବା ଅଭିଭାବକଙ୍କୁ ଆଲୋଡ଼ିତ କରିଛି। ତେବେ ଉକ୍ତ ଶ୍ରେଣୀଗୃହରେ ୧୦୦ରୁ ଅଧିକ ପିଲା ବସିଥିଲେ। ବାୟୁ ଚଳାଚଳ କରି ନ ପାରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦୀପକ କୁମାର ଜେନା କହିଛନ୍ତି।

ୟମିଳିଥିବା ସୂଚନା ଅନୁସାରେ, ପୂର୍ବାହ୍ନରେ ପ୍ରାର୍ଥନା ସାରି ଛାତ୍ରୀମାନେ ଶ୍ରେଣୀଗୃହରେ ବସିଥିଲେ। ହଠାତ୍ ନବମ ଶ୍ରେଣୀର କେତେକ ଛାତ୍ରୀ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ମେଡିକାଲକୁ ନିଆଯାଇଥିବା ବେଳେ ଅଚେତ ହୋଇଯାଇଥିବା ଛାତ୍ରୀଙ୍କୁ ସାଲାଇନ ଓ ଇଞ୍ଜେକସନ ଦେବା ପରେ ସୁସ୍ଥ ହୋଇଥିଲେ। କେତେକ ପିଲା ଅସୁସ୍ଥ ହେବା ପରେ ସେମାନଙ୍କୁ ଦେଖି ଅନ୍ୟମାନେ ନର୍ଭସ ହୋଇ ଅସୁସ୍ଥ ହୋଇପଡ଼ିଥିବା ଡା.ଜେନା କହିଛନ୍ତି। ନବମ ଶ୍ରେଣୀରେ ଚଳିତବର୍ଷ ୧୫୭ ଛାତ୍ରୀ ଥିବାବେଳେ ଶ୍ରେଣୀଗୃହ ଓ ଶିକ୍ଷକ ଅଭାବରୁ ସେକ୍ସନ ଅଲଗା କରି ପାଠ ପଢ଼ାଇବାରେ ଅସୁବିଧା ହେଉଛି। ସେଥିପାଇଁ ଗୋଟିଏ ଶ୍ରେଣୀଗୃହରେ ପାଠପଢ଼ା ଯାଉଥିଲା ବୋଲି ପ୍ରଧାନଶିକ୍ଷକ ଈଶ୍ୱର କୁମାର ସାହୁ କହିଥିଲେ। ଆଜିଠାରୁ ପିଲାଙ୍କୁ ସେକ୍ସନ କରି ପାଠପଢ଼ା ଆରମ୍ଭ କରାଯାଇଥିବା ସେ କହିଛନ୍ତି।

# ସମୁଦ୍ର ଭିତରେ ବୋଟ୍, ଟ୍ରଲର ଯାଞ୍ଚ

**ରୂପସା,୧୪।୮(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ସାମୁଦ୍ରିକ ଥାନା ପକ୍ଷରୁ ବୁଧବାର ସମୁଦ୍ର ଭିତରେ ଚଳାଚଳ କରୁଥିବା ବୋଟ୍, ଟ୍ରଲର, ଲଞ୍ଚ ପ୍ରଭୃତିର କାଗଜପତ୍ର ଓ ଇନ୍‌ସ୍ୟୁରାନ୍ସ ଆଦି ଯାଞ୍ଚ କରାଯାଇଥିଲା। ଏହି ଅବସରରେ ସମୁଦ୍ରପଥରେ ଅନୁପ୍ରବେଶ ରୋକିବା ଲାଗି ସତର୍କ ଦୃଷ୍ଟି ରଖାଯାଇଥିଲା। ଆଇଆଇସି ଲକ୍ଷ୍ମଣ ବେହେରା ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ସ୍ପିଡ୍‌ବୋଟ୍ ଯୋଗେ ଗଭୀର ସମୁଦ୍ରକୁ ଯାଇ ପାଟ୍ରୋଲିଂ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ନିର୍ଦ୍ଦେଶକ୍ରମେ ସ୍ୱାଧୀନତା ଦିବସ ଅବସରରେ ସମ୍ଭାବ୍ୟ ଅନୁପ୍ରବେଶ ଓ ଆତଙ୍କବାଦୀ ଆକ୍ରମଣ ରୋକିବା ଲାଗି ସମୁଦ୍ର ଉପକୂଳରେ ନିୟୋଜିତ ସ୍ପିଡ଼ବୋଟ୍ କର୍ମଚାରୀ ଓ ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ସବୁଠି ପାଟ୍ରୋଲିଂ କରାଯାଇଥିବା ଜଣାପଡିଛି। ଉପକୂଳ ସୁରକ୍ଷା ଓ ବାହ୍ୟ ଶତ୍ରୁ ଆକ୍ରମଣ ରୋକିବା ଦିଗରେ ନିୟମିତ ସମୁଦ୍ର ଭିତରେ ପାଟ୍ରୋଲିଂ କରାଯାଉଥିବା ଆଇଆଇସି ନାୟକ କହିଛନ୍ତି।

## ତାଳସାରୀରେ ଅଶ୍ଳୀଳ ଭିଡିଓ ଶୁଟିଂ, ବ୍ଲାକ୍‌ମେଲିଂ ଓ ଭାଇରାଲ ଘଟଣା

# ଜଣେ ଅଭିଯୁକ୍ତ ଗିରଫ, ୨ ଫେରାର

**ଭୋଗରାଇ,୧୪।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ତାଳସାରୀ ବେଳାଭୂମିରେ ବହୁଚର୍ଚ୍ଚିତ ଭିଡିଓ ଶୁଟିଂ, ବ୍ଲାକମେଲିଂ ଓ ଭାଇରାଲ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର ଜଳେଶ୍ୱର କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସର ତଲାସୀ ଅଭିଯାନ ଜାରି ରହିଛି।

ଗତ ୧ ତାରିଖରେ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହତ ବେଳାଭୂମିସ୍ଥିତ ସୁବର୍ଣ୍ଣଦ୍ୱୀପ ବୁଲିବାକୁ ଆସି ଗୋଟିଏ ସ୍ଥାନରେ ବସି ଗପୁଥିଲେ। ସେଠାରେ ୩ ଜଣ ଦୁର୍ବୃତ୍ତ ସେମାନଙ୍କୁ ନାନା ନିର୍ଯାତନା ଦେଇ ମୋବାଇଲରେ ସେମାନଙ୍କ ଅଶ୍ଳୀଳ ଭିଡ଼ିଓ ଶୁଟିଂ କରି ଭାଇରାଲ କରିଦେବାକୁ ଧମକ ଦେଇ ବ୍ଲାକମେଲିଂ କରିଥିଲେ। ୨୦ହଜାର ଟଙ୍କା ନ ଦେଲେ ସେମାନେ ତାଙ୍କୁ ଛାଡିବେ ନାହିଁ ବୋଲି ଧମକ ଦେଇଥିଲେ। ଏହି ଘଟଣାରେ ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ କୌଣସି ପ୍ରକାରେ ୧୫ଶହ ଟଙ୍କା ଦେଇ ସେଠାରୁ ମୁକୁଳିଥିଲେ । କିନ୍ତୁ ପରେ ସର୍ତ୍ତ ଅନୁଯାୟୀ ଅବଶିଷ୍ଟ ଟଙ୍କା ଦେଇ ପାରି ନ ଥିଲେ। ଏଥିଲାଗି ସମ୍ପୃକ୍ତ ୩ ଦୁର୍ବୃତ୍ତ ଶୁଟିଂ କରିଥିବା ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏହାପରେ ଛାତ୍ରୀଙ୍କ ପୁରୁଷ ବନ୍ଧୁ ଏ ନେଇ ତାଳସାରୀ ମେରାଇନ୍ ଥାନାରେ ଅଭିଯୋଗ କରିଥିଲେ। ଏଭଳି ଘଟଣା ପଦାକୁ ଆସିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବହୁ ଛାତ୍ରୀଛାତ୍ର, ମହିଳା ଓ ଅନ୍ୟ ଗଣସଙ୍ଗଠନ ଘଟଣାକୁ ନିନ୍ଦା କରି ଆନ୍ଦୋଳନ କରିଥିଲେ। ଡିଏସ୍‌ଓ ଛାତ୍ର ସଂଗଠନ ପକ୍ଷରୁ ଏ ନେଇ ତାଳସାରୀ ମେରାଇନ୍ ଥାନା ଏବଂ ଭୋଗରାଇ ଥାନା ଆଗରେ ଲଗାତର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭୋଗରାଇ ମହିଳା ସାଂସ୍କୃତିକ ସଂଗଠନ, ଭାରତୀୟ ଗଣତାନ୍ତ୍ରିକ ଯୁବ ସଂଗଠନ, ସ୍ଥାନୀୟ ମହିଳା ସଂଗଠନ, ଯୁବକଂଗ୍ରେସ, ଦିବ୍ୟେନ୍ଦୁ କୁମାର ସଙ୍କ ନେତୃତ୍ୱରେ ବହୁ ସାମାଜିକ କର୍ମୀ ସମସ୍ତ ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ କରିବା, ବେଳାଭୂମିରେ ମଦ୍ୟପାନ ସାଙ୍ଗକୁ ମାଦକଦ୍ରବ୍ୟ ନିଷେଧ କରିବା, ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା, ବେଳାଭୂମିରେ ବେଆଇନ୍ ବାଇକ୍ ଚାଳନା ବନ୍ଦ କରିବା ପ୍ରଭୃତି ଦାବି କରି ବାଲେଶ୍ୱର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୋଲିସ ଚାପର ସମ୍ମୁଖୀନ ହୋଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା। ତାଳସାରୀ ମେରାଇନ୍ ଥାନା ପୋଲିସ ଏହାର ତଦନ୍ତ କରି ସ୍ଥାନୀୟ ବିନ୍ଧାପଦ୍ମପୁର ଗ୍ରାମର ଅଶୋକ ମଣ୍ଡଳ (୨୨)ଙ୍କୁ ଧରି ଅଟକ ରଖି ପଚରାଉଚୁରା କରିଥିଲା। ଶେଷରେ ପୋଲିସ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଏଯାଏ ଧରାଯାଇ ପାରି ନାହିଁ ।


## ADMISSION NOTICE 2019-20

**GANGADHAR MEHER UNIVERSITY, AMRUTA VIHAR, SAMBALPUR**

Invites Applications for Admission into the (vacant seats) of the following Programmes

| COURSE | DURATION | COURSE FEE | ELIGIBILITY |
|---|---|---|---|
| MBA (Financial Management) | 2 Years | 30,000/-per annum | +3 or Equivalent with 45% marks in aggregate at Degree Level (relaxation of 5% Marks is allowed for the students belonging to ST/SC categories) |
| M.Sc. ETC (Electronics & Telecommunications) | 2 Years | 35,000/- per annum | B.Sc. with Maths./Physics /Electronics &Telecommunication/ Computer Science /IST or Equivalent and minimum 45% marks in aggregate at Degree Level or B.Tech.(ETC/CSE/IT) (relaxation of 5% Marks is allowed for the students belonging to ST/SC categories) |

Applications are invited for admission into a few vacant seats of PG Courses of (MBA-FM, M.Sc. ETC, MSC Anthropology & MA Sociology) of Gangadhar Meher University, Sambalpur for the session 2019-20. Interested candidates are required to visit the university website **www.gmuniversity.ac.in** for eligibility, application form, Information Boucher & other details.

For the PG Vacant Seat Admission-2019-20, The downloaded Hard Copy of Application Form along with necessary documents will be received in the Academic Section GMU, SBP from **Dt.14.08.2019 to Dt. 19.08.2019 (10.30 AM to 12.30 PM).** Candidates are advised to visit the universities website **www. gmuniversity.ac.in** for details. If required, candidates may contact the following helpline number from **10.00 AM to 05.00 PM.**

Sd./- Registrar

Helpline No - 0663–2522543, Mob. 9861283124, 8328821808, 7008225400, 9438735182, 9853132904


## ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ଭଦ୍ରକ ଅଫିସ, ୧୪।୮:** କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଦ୍ୱାରା ବୁଧବାର ଭଦ୍ରକ ଷ୍ଟେଶନ ଅଞ୍ଚଳରୁ ଜଣେ ଯୁବକଙ୍କଠାରୁ ୨୨ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ସମ୍ପୃକ୍ତ ଯୁବକ ଗରଦପୁର ଅଞ୍ଚଳର ତପନ କୁମାର ମହାନ୍ତିଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଜଗଦୀଶ ସାମଲ ଓ ଗାଲୁରାମ ସୋରେନ୍ ସୂଚନା ଦେଇଛନ୍ତି।

